### ଫିରିଙ୍ଗିଆରେ ଥମୁନି ଜନନୀ ଯନ୍ତ୍ରଣା

# ପରିବାର ଲୋକଙ୍କ ସହ ୧୦ କିମି ଚାଲିଲେ ଗର୍ଭବତୀ

ଫିରିଙ୍ଗିଆ,୧।୭ (ସମିସ)




- ଗୁରୁତର ହୋଇପଡ଼ିବାରୁ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର
- ୭ କିମି ଖଟିଆରେ ବୁହାହେଲେ; ୧୭ କିମି ପରେ ଆମ୍ବୁଲାନ୍ସରେ ଗଲେ

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଜନନୀ ଯନ୍ତ୍ରଣା ଥମିବାର ନାଁ ନେଉନି। କେଉଁଠି ରାସ୍ତା ନଥିବାରୁ ଖଟିଆରେ ଗର୍ଭବତୀଙ୍କୁ ବୁହା ହେଉଛି ତ ଆଉ କେଉଁଠି ଚାଲିଚାଲି ଓ ଦୋଳାରେ ବୋହି ବିପଦପୂର୍ଣ୍ଣ ଭାବରେ ଗର୍ଭବତୀ ମହିଳାଙ୍କୁ ପରିବାର ଲୋକେ ଓ ଗ୍ରାମବାସୀ ଆଣୁଛନ୍ତି। ଏଭଳି ଘଟଣା ଗତ ୨ ମାସରେ ୪ରୁ ଅଧିକ ଥର ଘଟିଥିବା ବେଳେ ପୁଣି ଆଜି ଏଭଳି ଅଭାବନୀୟ ଘଟଣା ଘଟିଛି। ଫିରିଙ୍ଗିଆ ବ୍ଲକ ସୁମେରୁବନ୍ଧ ପଞ୍ଚାୟତର ମୁରୁଡି ଗାଁର ରାମଚନ୍ଦ୍ର ମଲିକଙ୍କ ପତ୍ନୀ ଜିମି ମଲିକ ଆଜି ଭୋରରେ ଗର୍ଭ ଯନ୍ତ୍ରଣା ଅନୁଭବ କରିଥିଲେ। ଗାଁକୁ ରାସ୍ତା ନଥିବାରୁ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ। ଜିମିଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ଟାୱାର ନଥିବାରୁ କିଛିଦୂର ମୁଣ୍ଡିଆକୁ ଯାଇ ପରିବାର ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଗାଁକୁ ଯାଉନଥିବା ବେଳେ ଗର୍ଭବତୀଙ୍କ ଦିଅର ଲକ୍ଷ୍ମଣ ମଲିକ ଓ ଓ ତାଙ୍କ ସ୍ତ୍ରୀ ମିଶି ୧୦ କିଲୋମିଟର ଚାଲିଚାଲି ବଡ଼ କଷ୍ଟରେ ଡମାଙ୍ଗପଦର ପର୍ଯ୍ୟନ୍ତ ଆସିଥିଲେ। ଏହା ଜିମି ମଲିକଙ୍କ ଦ୍ୱିତୀୟ ଗର୍ଭ ଏବଂ ପୂର୍ବରୁ ଅପରେସନ ହୋଇଥିବାରୁ ବହୁ କଷ୍ଟରେ ଆସିଥିବା ବେଳେ ଡମାଙ୍ଗପଦରରୁ ଆଉ ୭ କିଲୋମିଟର ଆସିବାରେ ବଡ଼ କଷ୍ଟ ଅନୁଭବ କରିଥିଲେ। ଡମାଙ୍ଗପଦରକୁ ବିଜେପି ବ୍ଲକ ସଭାପତି ଦେବେଶ୍ୱର ଦୀପ ଏବଂ ବିଧାୟକ ପ୍ରତିନିଧି ପ୍ରଶାନ୍ତ କମ୍ପ କୌଣସି କାମରେ ଯାଇଥିବା ବେଳେ ଏହି ଘଟଣା ଦେଖିଥିଲେ। ଡମାଙ୍ଗପଦର ଗାଁରୁ ଏକ ଖଟିଆ ସଂଗ୍ରହ କରି ପରିବାର ଲୋକ ଏବଂ ବିଜେପି ବ୍ଲକ ସଭାପତି ଏବଂ ବିଧାୟକ ପ୍ରତିନିଧି ଓ ଅନ୍ୟମାନେ, ଆଶାକର୍ମୀ ରେବତୀ କହଁର ମିଶି ବଡ଼ କଷ୍ଟରେ ବୋହି ରିବିଲଦା ଗାଁ ପର୍ଯ୍ୟନ୍ତ ଆଣିଥିଲେ। ଅପରାହ୍ନ ୨ଟାରେ ରିବିଲଦା ଠାରୁ ଆମ୍ବୁଲାନ୍ସ ଯୋଗେ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି। ରାସ୍ତା ନଥିବାରୁ ଏଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ ବହୁ ଉପାନ୍ତ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ସୁମେରୁବନ୍ଧ ପଞ୍ଚାୟତରେ ସାଡିଙ୍ଗିଆ ଠାରୁ କଟାଙ୍ଗି ପର୍ଯ୍ୟନ୍ତ ନୂତନ ରାସ୍ତା ହେଉଥିବା ବେଳେ ଠିକାଦାର ଦୀର୍ଘ ଦିନ ହେବ କାମ ନକରି ପକାଇ ରଖିଥିବାରୁ ଲୋକେ କାଦୁଅ ପଚପଚ ରାସ୍ତା ସହ ବିଭିନ୍ନ ଜାଗାରେ ଧୋଇ ହୋଇ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦଶ କିଲୋମିଟର ପାଦରେ ଚାଲି ଜଣେ ଗର୍ଭବତୀ ମହିଳା ଆସିବା ଏବଂ ୭ କିଲୋମିଟର ଖଟିଆରେ ବୋହି ଆଣିବା କେତେ ଦୁଃଖ ଓ କଷ୍ଟଦାୟକ ତାହା ବୋହିକି ଆଣିଥିବା ଲୋକେ ହିଁ ଦୁଃଖ ବୁଝି ପାରିବେ ବୋଲି ବିଧାୟକ ପ୍ରତିନିଧି ପ୍ରଶାନ୍ତ କମ୍ପ କହିଛନ୍ତି। ଏହି ଘଟଣା ସମ୍ପର୍କରେ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅତିରିକ୍ତ ଅଧିକାରୀ ସୁମନ୍ତ କୁମାର ମାଝୀଙ୍କୁ ପଚାରିବାରୁ ଏହା ଜିମି ମଲିକଙ୍କ ଦ୍ୱିତୀୟ ଗର୍ଭ। ଅସୁବିଧା ଓ ସମସ୍ୟାକୁ ଦେଖି ଜିଲ୍ଲା ଚିକିତ୍ସାଳୟକୁ ପଠାଯାଇଥିବା କହିଛନ୍ତି। ଏହି ଘଟଣାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ହେଲେ ସହଯୋଗର ହାତ ବଢ଼ାଇ ନିଜେ ୭ କିଲୋମିଟର ବୋହି ଅଣିଥିବାରୁ ବିଧାୟକ ପ୍ରତିନିଧି ଏବଂ ବିଜେପି ବ୍ଲକ ସଭାପତିଙ୍କୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକଲ ବାଣ୍ଟିଲେ ବିଧାୟକ



ଜଗନ୍ନାଥପ୍ରସାଦ,୧।୭ (ସମିସ): ଜଗନ୍ନାଥପ୍ରସାଦ ବ୍ଲକ ପରିସରରେ ଆଜି ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ଼ ମାର୍କେଟିଙ୍ଗ ଡିଭିଜନ ଭୁବନେଶ୍ୱର ପକ୍ଷରୁ ୨୦ ଜଣ ଦିବ୍ୟାଙ୍ଗଙ୍କୁ ମାଗଣା ବ୍ୟାଟେରି ଚାଳିତ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥି ରୂପେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ମୁଖ୍ୟବକ୍ତା ମହେନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ଅତିଥି ଡେପୁଟି ଜେନେରାଲ ମ୍ୟାନେଜର ପି.କେ ପଣ୍ଡା, ସମ୍ମାନିତ ଅତିଥି ଭାବେ ଆର୍ଟିଫିସିଆଲ ମ୍ୟାନୁଫ୍ୟାକ୍ଚର କର୍ପୋରେସନ ଲିମିଟେଡ଼ ସିନିୟର ମ୍ୟାନେଜର ଏ.ଭି ଅଶୋକ କୁମାର, ବ୍ଲକ ସହକାରୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଜିପିଡିଓ ମାଥୁରାମ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ମିତାଲି ପ୍ରିୟଦର୍ଶିନୀ, ବ୍ଲକ ସାମ୍ପ୍ରସାରଣ ଅଧିକାରୀ ମୋନାଲି ମହାନ୍ତିଙ୍କ ସମେତ ସମସ୍ତ କର୍ମଚାରୀ ଓ ବିଜେପି ସମର୍ଥକ ଉପସ୍ଥିତ ରହିଥିଲେ। ରାମନାଥ ଶିଖର ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଯନ୍ତ୍ରୀ ଶ୍ରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଧବା ମତ୍ସ୍ୟଜୀବୀ ମହିଳାଙ୍କୁ ଆକ୍ରମଣ

- ଥାନା ଓ ଡାକ୍ତରଖାନାରୁ ନିରାଶ
- ମତ୍ସ୍ୟଜୀବୀ ସଂଗଠନ ଓ ଦଳିତ ମୋର୍ଚ୍ଚା ପକ୍ଷରୁ ଦୃଢ଼ ନିନ୍ଦା

ରମ୍ଭା,୧।୭ (ସମିସ): ବାଲୁଗାଁ ମାଛ ଗୋଦାମ ମାଲିକଙ୍କ ଠାରୁ ମାଡ଼ଖାଇ ଆହତ ହୋଇଛନ୍ତି ବିଧବା ମତ୍ସ୍ୟଜୀବୀ ମହିଳା। ବିଧବା ମହିଳା ଜଣଙ୍କ ହେଲେ ରମ୍ଭା ଲକ୍ଷ୍ମୀପୁର ସାହିର କୁମାରୀ ବେହେରା। ଏନେଇ ସେ ଗୋଦାମ ମାଲିକ ଗନ୍ଧର୍ବ ସେଠୀଙ୍କ ନାମରେ ବାଲୁଗାଁ ଥାନାରେ ଅଭିଯୋଗ କରିଛନ୍ତି। କିନ୍ତୁ ପୁଲିସ ମାମଲା ରୁଜୁ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ନେଇ ସେ ଅଭିଯୋଗ କରିଛନ୍ତି।

ଗୋଦାମ ମାଲିକଙ୍କ ଠାରୁ ମାଡ଼ ଖାଇବା ପରେ ସ୍ଥାନୀୟ କିଛି ବ୍ୟକ୍ତି ବାଲୁଗାଁ ସରକାରୀ ଡାକ୍ତର ଖାନାକୁ ନେଇଥିଲେ। ସେଠାରେ ବିଧବା ଅସହାୟ ମତ୍ସ୍ୟଜୀବୀ ମହିଳାଙ୍କୁ ଦେଖି କାର୍ଯ୍ୟରତ ଡାକ୍ତର ମାଡାମ୍ ଚିକିତ୍ସା କରି ନଥିବା କୁମାରୀ ଅଭିଯୋଗ କରିଛନ୍ତି। ବାଲୁଗାଁର କିଛି ମତ୍ସ୍ୟଜୀବୀ ଡାକ୍ତରଖାନାରେ ହଟ୍ଟଗୋଳ କରିବା ପରେ ଡାକ୍ତର ମାଡାମ୍ ଜଣଙ୍କ ବିଳମ୍ବରେ ଚିକିତ୍ସା କରିଥିବା ମହିଳା ଜଣଙ୍କ କହିଥିଲେ।

ସୂଚନାଥାଉକି, କୁମାରୀ ବାଲୁଗାଁ ଗୋଦାମଠାରୁ ମାଛ କ୍ରୟ କରି ଆଣି ରମ୍ଭା ସହରରେ ବିକ୍ରି କରିଥାନ୍ତି। ଗୋଦାମ ମାଲିକଙ୍କ ଠାରୁ ରଣ କରି ମାଛ କିଣିଥାଏ। ଗତ ସୋମବାର ଦିନ କୁମାରୀ ମାଛ କିଣିବାକୁ ଗୋଦାମକୁ ଯାଇଥିଲେ। କିନ୍ତୁ ସେଠାରେ ଗୋଦାମ ମାଲିକ ବକେୟା ବାରଶହ ଟଙ୍କା ମାଗିଥିଲେ। କୁମାରୀ କିଛିଦିନ ସମୟ ମାଗିଥିଲେ। ଏହାପରେ ଗୋଦାମ ମାଲିକ ଓ କୁମାରୀଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଗୋଦାମ ମାଲିକ ମହିଳାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣରେ ଆହତ ହେବାରୁ ନିକଟସ୍ଥ କିଛି ମତ୍ସ୍ୟଜୀବୀ ତାଙ୍କୁ ଡାକ୍ତରଖାନା ଓ ବାଲୁଗାଁ ଥାନାକୁ ନେଇଥିଲେ ଓ କୁମାରୀ ବାଲୁଗାଁ ଥାନାରେ ଅଭିଯୋଗ କରିଛନ୍ତି। ଦଳିତମାନଙ୍କୁ ସବୁ ସ୍ଥାନରେ ନିନ୍ଦା ଅପମାନ ସହିବାକୁ ପଡୁଥିବାରୁ ସରକାରଙ୍କ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମତ୍ସ୍ୟଜୀବୀ ସଂଗଠନ ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଦଳିତ ମତ୍ସ୍ୟଜୀବୀମାନଙ୍କୁ ସବୁଠି ନିର୍ଯାତନା ଦିଆଯାଉଛି। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।

ରାଜ୍ୟ ବିଜେପି ଅନୁସୂଚିତ ଜାତି ସମ୍ପାଦକ କୀର୍ତ୍ତନ ଦାସ, ଦଳିତ ମୋର୍ଚ୍ଚାର ସ୍ୱରାଜ ବେହେରା(ବାବୁ), ଅଜିତ ବେହେରା, ଶିବ ବେହେରା ମଧ୍ୟ ଏଭଳି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ପୀଡ଼ିତ ମହିଳା କୁମାରୀଙ୍କୁ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ମତ୍ସ୍ୟଜୀବୀ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

## ବିଦ୍ୟାଳୟ ପୁନଃ କାର୍ଯ୍ୟକ୍ଷମ ଦାବିରେ ଧାରଣା

ସାନଖେମୁଣ୍ଡି,୧।୭ (ସମିସ): ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ବିଦ୍ୟାଳୟ ବ୍ଲକଗ୍ରାଣ୍ଟରେ ଥିବାରୁ ବିଦ୍ୟାଳୟ ବର୍ତ୍ତମାନ କେହି ଶିକ୍ଷକ ନଥିବା ହେତୁ ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ଶିକ୍ଷା ବିଭାଗ ନୋଟିସ୍ କରାଯାଇଛି। ଏହାକୁ ନେଇ ମଙ୍ଗଳବାର ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଭିଭାବକ ମାନେ ବିଦ୍ୟାଳୟ ମୁଖ୍ୟ ଫାଟକ ନିକଟରେ ଧାରଣାରେ ବସିବା ସହ ପୁନଃ କାର୍ଯ୍ୟକ୍ଷମ ଦାବି କରିଥିଲେ। ପ୍ରାୟ ବହୁ ବର୍ଷ ଧରି ବିଦ୍ୟାଳୟଟି ଚାଲୁଥିବା ବେଳେ ବିଦ୍ୟାଳୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରି ଆସୁଥିଲେ। ଉକ୍ତ ବିଦ୍ୟାଳୟରେ ଜଣେ ପ୍ରଧାନ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀ ରହିଥିବା ବେଳେ ଶିକ୍ଷୟିତ୍ରୀ ଜଣଙ୍କୁ ଅନ୍ୟତ୍ର ବଦଳି ହୋଇଯାଇଥିବା ବେଳେ କିଛିଦିନ ପୂର୍ବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅବସର ଗ୍ରହଣ କରିଥିଲେ। ବର୍ତ୍ତମାନ ଉକ୍ତ ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀ ଡେପୁଟିସେନ୍‌ରେ ରହିଥିବା ବେଳେ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ନେବା ପାଇଁ ବାଧ କରୁଥିଲେ। ଏହି ବିଷୟରେ ଅଭିଭାବକ ମାନେ ଜାଣିବା ପରେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଖବର ପାଇ ସାନଖେମୁଣ୍ଡି ଅତିରିକ୍ତ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ରୀତାଞ୍ଜଳି ରଥ, ଶୁକଦେବ ମଲ୍ଲିକ, ପାଟପୁର କ୍ଲଷ୍ଟର ସିଆରସିସ ଆର.ଦେବହାରି ଦୋରା ପ୍ରମୁଖ ପହଞ୍ଚି ଧାରଣାରେ ବସିଥିବା ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏନେଇ ଅଭିଭାବକ ମାନେ ବିଦ୍ୟାଳୟ ପୁନଃ କାର୍ଯ୍ୟକ୍ଷମ ଦାବିରେ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି।



## ରୋଟାରୀ କ୍ଲବ ପକ୍ଷରୁ ରକ୍ତଦାନ ଶିବିର

ଭଞ୍ଜନଗର,୧।୭ (ସମିସ): ରୋଟାରୀ କ୍ଲବର ପ୍ରଥମ ଅଧିଷ୍ଠାନ ଦିବସ ସଭାପତି ରୋଟାରୀଆନ ରଞ୍ଜିତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଉପଖଣ୍ଡ ଚିକିତ୍ସାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଅଧକ୍ଷ ବିଚିତ୍ର କୁମାର ପାଣିଗ୍ରାହୀଙ୍କ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି, ବିଦାୟୀ ସଭାପତି ବସନ୍ତ କୁମାର ପାତ୍ର, ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ହୃଷୀକେଶ ନାୟକ, ବାବୁଲା ନାୟକ, ସନ୍ତୋଷ ଜେନା, ରବୀନ୍ଦ୍ର ପାଣିଗ୍ରାହୀ, ସନତ ସୁବୁଦ୍ଧି, ସୁଧୀର ପାଣିଗ୍ରାହୀ, ରାମଚନ୍ଦ୍ର ମିଶ୍ର, ଜଗବନ୍ଧୁ ଜେନା, ଦିଲ୍ଲୀପ ରାଜୁ, ଶୂଳପାଣି ଶତପଥି, ଖୁସି ମାଡାମ, ପ୍ରଥମ ମହିଳା ସୁନିତା ବାରିକଙ୍କ ଉପସ୍ଥିତିରେ ବାହାଡାପଦର ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ସହ ପାଚିକା, ସହାୟିକା ମାନଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ପରେ ଶ୍ରୀବତ୍ସ ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗର ଠାରେ ବୃକ୍ଷରୋପଣ ସହ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର କୃତିବାସ ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମିଶ୍ର ବିଦ୍ୟାଳୟର ପୁରାତନ ଛାତ୍ର ରୋଟାରିଆନ ରଞ୍ଜିତ କୁମାର ବାରିକ କ୍ଲବର ସଭାପତି ହୋଇଥିବା ଯୋଗୁଁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଧନ୍ୟବାଦ ପ୍ରଦାନ କରିଥିଲେ।

### ● ଆସିକା ଚିନି କାରଖାନାରେ ଅଘଟଣ

## ଛାତରୁ ପଡ଼ି ଠିକା ଶ୍ରମିକ ମୃତ

ଆସିକା,୧।୭ (ସମିସ): ଆସିକା ଚିନିକଳ ଛାତରୁ ପଡି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯାଜପୁର ଅଞ୍ଚଳର ସଲମନ ଖାଁ(୨୨)। ଚିନି ଶିଳ୍ପ ଦ୍ୱାରା ଯାଜପୁର ସ୍ଥିତ ଏକ ଠିକା କମ୍ପାନୀ ପକ୍ଷରୁ ଚିନି ଶିଳ୍ପରେ ସେ ଶ୍ରମିକ ଭାବେ କାମ କରୁଥିଲେ। ମଙ୍ଗଳବାର ଚାରି ଜଣ ସହକର୍ମୀଙ୍କ ସହ ପ୍ରାୟ ପଚାଶ ଫୁଟ ଉପରେ ଟିଣ ମରାମତି କାମ କରୁଥିବା ବେଳେ ହଠାତ ତଳକୁ ଖସି ପଡ଼ିଥିଲେ। ତାଙ୍କୁ ପ୍ରଥମେ ଗୁରୁତର ଅବସ୍ଥାରେ ଆସିକା ମେଡିକାଲକୁ ଅଣା ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ଘଟଣାର ତଦନ୍ତ କରୁଛି।

## ପାରିବାରିକ କଳହ, ତିନି ଗିରଫ

ଦିଗପହଣ୍ଡି,୧।୭ (ସମିସ): ଦିଗପହଣ୍ଡି ଏନ୍‌ଏସି ଅନ୍ତର୍ଗତ ସାହାଣୀ ସାହିର ଦୁଇ ପରିବାର ମଧ୍ୟରେ ସଂଘର୍ଷ ଘଟି ଉଭୟ ପରିବାରର ୫ଜଣ ଆହତ ହୋଇଥିଲେ। ଗତ ଶନିବାର ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଆକ୍ରମଣ ଓ ପ୍ରତି ଆକ୍ରମଣ ଘଟଣା ଘଟିଥିଲା। ଉଭୟ ପକ୍ଷର ଏତଲା ଭିତ୍ତିରେ ଦିଗପହଣ୍ଡି ପୁଲିସ ନଂ.୨୩୪/୨୫ ଏବଂ ୨୩୫/୨୫ ପ୍ରକାରେ ଦୁଇ ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ମଙ୍ଗଳବାର ତଦନ୍ତକାରୀ ଅଧିକାରୀ ଏସ.ଆଇ ଜ୍ୟୋତି ରଞ୍ଜନ ବେହେରା ଅଭିଯୁକ୍ତ ପ୍ରଭାକର ଦାସ ଓରଫ ବୁଢୁ ଏବଂ ପ୍ରତିପକ୍ଷ ପରିବାରର ଦିଲ୍ଲୀପ ଦାସ ଓ କୃଷ୍ଣ ଦାସଙ୍କୁ ଗିରଫ କରି ଦିଗପହଣ୍ଡି କୋର୍ଟଚାଲାଣ କରିଛନ୍ତି। ସେଠାରେ ଉଭୟ ପକ୍ଷର ତିନି ଅଭିଯୁକ୍ତଙ୍କ ଜାମିନ ଆବେଦନ ନାମଞ୍ଜୁର ହୋଇ ଯିବାରୁ ସେମାନଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

## ପେଟ୍ରୋଲ ଟ୍ୟାଙ୍କର ଧକ୍କାରେ ଶିଶୁ ଗୁରୁତର

ସାନଖେମୁଣ୍ଡି,୧।୭ (ସମିସ): ଗଞ୍ଜାମ-ଗଜପତି ଜାତୀୟ ରାଜପଥ- ୩୨୬ ଅନ୍ତର୍ଗତ ପାଟପୁର ଥାନା ପୋଡ଼ାମାରି ବନ ବିଭାଗ ଗେଟ୍ ନିକଟରେ ଏକ ଟ୍ୟାଙ୍କର ଧକ୍କାରେ ଜଣେ ୪ ବର୍ଷିୟ ଶିଶୁପୁତ୍ର ଗୁରୁତର ହୋଇଛନ୍ତି। ଗୁରୁତର ଶିଶୁ ପୁତ୍ର ଜଣଙ୍କ ହେଲେ ଗଜପତି ଜିଲ୍ଲା ମୋହନା ଥାନା ଛଣବଣିଆ ଗ୍ରାମର ରୁନା ଗମାଙ୍ଗଙ୍କ ପୁଅ ଲିୟନ୍ ଗମାଙ୍ଗ(୪)। ରୂନା ଗମାଙ୍ଗ ତାଙ୍କ ସ୍ତ୍ରୀ ଓ ପୁଅ ସହ ପୋଡ଼ାମାରି ଗ୍ରାମକୁ କିଛି ଜିନିଷ ଆଣିବା ପାଇଁ ଆସିଥିଲେ। ଅପରାହ୍ନରେ ପୋଡାମାରି ବନ ବିଭାଗ ଗେଟ୍ ନିକଟରେ ଛିଡ଼ା ହୋଇଥିବା ବେଳେ ତପ୍ତପାଣି ପଟରୁ ଦିଗପହଣ୍ଡି ଅଭିମୁଖେ ଆସୁଥିବା ଏକ ପେଟ୍ରୋଲଟ୍ୟାଙ୍କର ଲିୟନ ଗମାଙ୍ଗକୁ ଧକ୍କା ଦେଇଥିଲା। ଫଳରେ ଲୀୟନ୍ ରାସ୍ତାକଡ଼ରେ ପଡ଼ିଯାଇଥିଲେ। ପରେ ରୁନା ଓ ତାଙ୍କ ସ୍ତ୍ରୀ ସ୍ଥାନୀୟ ଲୋକଙ୍କ ସହାୟତାରେ ନିକଟସ୍ଥ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ସେଠାକାର ଡାକ୍ତର ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ।

## ଘରେ ପଶି ଟଙ୍କା ସହ ସୁନା ଲୁଟ୍

କୋଦଳା,୧।୭ (ସମିସ): ଗଞ୍ଜାମ ଜିଲ୍ଲା ବେଗୁନିଆପଡା ଥାନା ଅନ୍ତର୍ଗତ ବୁରୁଝୁରି ପଞ୍ଚାୟତର ପି.ନୂଆଗାଁରେ ସୋମବାର ବିଳମ୍ବିତ ରାତିରେ କବାଟ ଓ ଗ୍ରିଲ୍ ଭାଙ୍ଗି ଆଲମାରୀରୁ ଲକ୍ଷାଧିକ ଟଙ୍କା ସହିତ, ସୁନା ଗହଣା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର ଆଦାମ ସାହା ଏକ ଗ୍ୟାରେଜ କରି ରହୁଥିଲେ। ସୋମବାର ରାତିରେ ଆଦାମ ଦାଣ୍ଡଘରେ ଶୋଇଥିବା ବେଳେ ତାପର ଘରେ ତାଙ୍କ ଦୁଇ ଝିଅ ଶୋଇଥିଲେ। ଝିଅ ଶୋଇଥିବା ଘରେ ଏକ ଆଲମିରା ଥିଲା। ଚୋର ବାଡ଼ି ପଟୁ ଗ୍ରିଲ ଓ କବାଟ ଡ୍ରିଲ କରି ଖୋଲିବା ସହ ଦୁଇ ଝିଅ ଶୋଇଥିବା ଘରେ ଆଲମିରା ଖୋଲି ପ୍ରାୟ ୧୫ ଭରି ସୁନା ଗହଣା ଓ ନଗଦ ଦେଢ଼ ଲକ୍ଷ ଟଙ୍କା ନେବା ସହ ଉପର ଘରେ ଥିବା ଏକ ଟିଣ ବାକ୍ସ ଓ ଅନ୍ୟାନ୍ୟ ବାକ୍ସ ବାଡ଼ିପଟକୁ ନେଇ ଖୋଲି ପକାଇ ଦେଇ ଚମ୍ପଟ ମାରିଥିଲେ। ଆଦାମଙ୍କ ପୁଅ ଆଲାମ ସାହା ନିକଟସ୍ଥ କୋଠରୀରେ ଶୋଇଥିଲେ। ସକାଳୁ ଉଠି କବାଟ ଖୋଲିବାକୁ ଗଲା ବେଳେ ବାହାର ପଟୁ ବନ୍ଦ ଥିବା ଜାଣି ଭଉଣୀ ପାଖକୁ ଫୋନ କରିଥିଲେ। ଭଉଣୀ ଉଠି ଆଲମୀରା ଖୋଲାଥିବା ଦେଖି ସମସ୍ତଙ୍କୁ ଜଣାଇଥିଲେ। ପରେ ପରିବାର ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ନାରୀ ନିର୍ଯାତନା ବନ୍ଦ ଦାବିରେ ସଚେତନତା




ଆସିକା,୧।୭ (ସମିସ): ରାଜ୍ୟ ଅବା ଦେଶରେ ବଢୁଥିବା ନାରୀ ନିର୍ଯାତନାକୁ ରୋକିବା ନେଇ ସଚେତନର ବାର୍ତ୍ତା ଦେବା ସକାଶେ ଅଣ୍ଟା ଭିଡିଛନ୍ତି ଜଣେ କଲେଜ ଛାତ୍ର। କଲେଜ ଛାତ୍ର ଜଣଙ୍କ ଧରାକୋଟ ବ୍ଲକ କଳାସୁତା ଗ୍ରାମର ଯୁବକ ଦୀପକ ଗୌଡ଼(୧୮)। ଏବେ ସେ ଯୁକ୍ତ ଦୁଇ ପାସ କରିଥିଲେ ମଧ ନିଜର କ୍ୟାରିୟରକୁ ଛାଡି ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯ୍ୟାତନା ରୋକିବାକୁ ଜୀବନରେ ଏକ ମହତ୍ୱ କାମ ବୋଲି ଆପେଣେଇଛନ୍ତି। ସାଇକଲ ଯାତ୍ରା ଛଅ ମାସରୁ ଊର୍ଦ୍ଧ୍ୱ କାଳ ହେବ ବୋଲି ଦୀପକ ସୂଚନା ଦେଇଛନ୍ତି। ତାଙ୍କର ଯାତ୍ରା ଆସିକା ବିଜୁ ପଟ୍ଟନାୟକ ଛକଠାରେ ପତଞ୍ଜଳି ଯୋଗ ଶିବିର ସମିତି ସଭାପତି ଦିଲୀପ କୁମାର ପାଣି ଗ୍ରାହୀଙ୍କ ନେତୃତ୍ୱରେ ବିଜେଡି ଯୁବ ଛାତ୍ର ତଥା ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରା ଉପସ୍ଥିତ ରହି ସାଇକେଲ ଯାତ୍ରା ଦୀପକଙ୍କୁ ସମ୍ବର୍ଦ୍ଧନା କରିଥିଲେ। ବିଜେଡି ଉପସଭାପତି ଦିଲୀପ କୁମାର ପାଣି ଗ୍ରାହୀ ପତାକା ଦେଖାଇଥିଲେ। ବିଭିନ୍ନ ସଂଗଠନ ଛାତ୍ର ସମାଜସେବି ତଥା କାମେଶ୍ୱର ଆଚାରୀ, ସୁରି ବିଷୋୟୀଙ୍କ ସମେତ ବହୁ ସଭ୍ୟ ଏବଂ ମହିଳା ମାନେ ଦୀପକକୁ ବନ୍ଦାପନା କରିଥିଲେ।

### ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା

# କାର୍ଯ୍ୟବନ୍ଦ କରି ଜିଲ୍ଲା ଓଏଏସ୍ ଏବଂ ଓଆର୍‌ଏସ୍ ସଂଘର ପ୍ରତିବାଦ

ଛତ୍ରପୁର,୧।୭ (ସମିସ)




### କଳାବ୍ୟାଜ ପରିଧାନ କରି ଶୋଭାଯାତ୍ରାରେ ସହର ପରିକ୍ରମା

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟରେ ସୋମବାର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ କରି ମଙ୍ଗଳବାର ଗଞ୍ଜାମ ଜିଲ୍ଲା ଓଏଏସ୍ ଓ ଓଆରଏସ୍ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ କରାଯାଇଛି। ସମସ୍ତେ ସମୂହ ଛୁଟିରେ ଯାଇଛନ୍ତି। ଏନେଇ ସଂଘ ସଭାପତି ତଥା ଏଡିଏମ ଡ଼ଃ ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସରେ ଏକ ପ୍ରତିବାଦ ସଭା କରାଯାଇ ବିଏମସି ଅତିରିକ୍ତ କମିଶନର ସାହୁଙ୍କୁ ଆକ୍ରମଣ ଘଟଣାର ନିନ୍ଦା କରାଯାଇଛି। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏଥି ଲାଗି ଉସକାଇ ଥିବା ବ୍ୟକ୍ତିମାନଙ୍କୁ ମଧ ଗିରଫ କରିବାକୁ କୁହାଯାଇଛି। ଏହି ଅବସରରେ ସ୍ଥାନୀୟ ସର୍କିଟ ହାଉସ ସମସ୍ତେ କଳାବ୍ୟାଜ ପରିଧାନ କରି ଏକ ଶୋଭାଯାତ୍ରା ବାହାରି ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ସମୂହ ଛୁଟି ନିମନ୍ତେ ଏକ ପତ୍ର ପ୍ରଦାନ କରାଯାଇଛି। ଏହା ସହିତ ରାଜ୍ୟ ସଂଘକୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଆସିଷ୍ଟାଣ୍ଟ କଲେକ୍ଟର ମାନଙ୍କୁ ଧମକ, କୁକୁଡ଼ାଖଣ୍ଡି ବିଡିଓଙ୍କୁ ଧମକ ଏବଂ ପୁରୁଷୋତ୍ତମପୁର ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସୋମବାର ସନ୍ଧ୍ୟାରେ ଜନୈକ ଠିକାଦାର ସୁଟ୍ କରିଦେବି ବୋଲି ଧମକ ଦେବା ସହିତ ଭୁବନେଶ୍ୱର ଭଳି ଘଟଣା ହେବ ବୋଲି ଅଧିକାରୀମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଓଆରଏସ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଦେବଦତ୍ତ ପଣ୍ଡା, ଏମକେସିଜି ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା, ଗଞ୍ଜାମ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଁସଦା, ଡେପୁଟିକଲେକ୍ଟର (ଜରୁରୀ କାଳୀନ) ଅଭିଷେକ ସାହୁ, ଛତ୍ରପୁର ତହସିଲଦାର ସମ୍ବିତ ସଂଗ୍ରାମଜିତ ସାହୁ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା, ଗଞ୍ଜାମ ବିଡ଼ିଓ ଅଭିମନ୍ୟୁ ଯାନୀ, ଦିଗପହଣ୍ଡି ତହସିଲଦାର ସନ୍ତୋଷ ସାହୁ, କୁକୁଡାଖଣ୍ଡି ତହସିଲଦାର ରାଜ କିଶୋର ପଟ୍ଟନାୟକଙ୍କ ସହ ବିଭିନ୍ନ ବ୍ଲକର ବିଡ଼ିଓ, ତହସିଲଦାର ଓ ଓଆରଏସ ଅଧିକାରୀ ଯୋଗଦେଇଥିଲେ।

ଦଶମ ଶ୍ରାଦ୍ଧାବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ସୀମାଞ୍ଚଳ ସାହୁ
(ପୂର୍ବତନ ରିଜର୍ଭ ବ୍ୟାଙ୍କ ଅଫିସର)
ଗ୍ରାମ- ସୁନ୍ଦରପୁର (ଛତ୍ରପୁର ବ୍ଲକ)
ଆବିର୍ଭାବ - ୦୭/୦୬/୧୯୬୧
ତିରୋଧାନ - ୨୩/୦୭/୨୦୧୫
ଚାହୁଁ ଚାହୁଁ ୧୦ ବର୍ଷ ଅତିକ୍ରମ କରିଗଲା, ଆମକୁ ଶୋକସାଗରରେ ଭସାଇ ତମେ ଚାଲିଗଲ ଆର ପୁରକୁ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରାର ସମୟରେ ତମେ ବାହୁଡିଗଲ । ସେ ପୁରେ ଥାଇ ଜଗନ୍ନାଥଙ୍କ କୃପା ଲଭି ଆତ୍ମା ତୁମର ଶାନ୍ତି ପାଉ ।
ଶୋକସନ୍ତପ୍ତ: ମାଁ-ପାର୍ବତୀ, ଧର୍ମପତ୍ନୀ - ନମିତା, ପୁତ୍ର- ସୋନୁ, କନ୍ୟା- ଶିବାନୀ ଏବଂ ତାଙ୍କ ସ୍ୱାମୀ- ମନିଶ (ଜ୍ୱାଇଁ ପୁଅ), ଭାଇ- ନୀଳାଞ୍ଚଳ, ପ୍ରକାଶ ଏବଂ ଶୋକାକୁଳ ପରିବାର ବର୍ଗ

## ଜଗନ୍ନାଥଙ୍କ ନୃସିଂହ ଅବତାର

ବ୍ରହ୍ମପୁର,୧।୭(ସମିସ): ମାଉସୀ ମା’ ମନ୍ଦିରରେ ମଙ୍ଗଳବାର ଶ୍ରୀ ଜଗନ୍ନାଥଙ୍କ ନୃସିଂହ ଅବତାର ଦର୍ଶନ ଲାଗି ବହୁ ଶ୍ରଦ୍ଧାଳୁ ମନ୍ଦିର ପରିସରରେ ଭିଡ଼ ଜମାଇଥିଲେ। ଗୋଷାଣୀନୂଆଗାଁ ଉତ୍ତରେଶ୍ୱର ଜଗନ୍ନାଥ ମନ୍ଦିର, ବିଜିପୁର ଜଗନ୍ନାଥ ମନ୍ଦିର, କୋର୍ଟପେଟା ଜଗନ୍ନାଥ ମନ୍ଦିର, ତ୍ରିମୂର୍ତ୍ତି ଜଗନ୍ନାଥ ମନ୍ଦିର, ପାତେଳେଶ୍ୱର ଜଗନ୍ନାଥ ମନ୍ଦିର, ବଡ଼ବଜାର ବଡ଼ଜଗନ୍ନାଥ ମନ୍ଦିର ଓ ସାନ ଜଗନ୍ନାଥ ମନ୍ଦିରର ପକ୍ଷରୁ ସହରର ହନୁମାନ ବାଜାର ସ୍ଥିତ ମାଉସୀ ମା’ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ଏହା ସହ ଶ୍ରଦ୍ଧାଳୁମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିଥିଲେ।







### ଗୋ-ସୁରକ୍ଷା ନାଁରେ ଆତଙ୍କରାଜ ବନ୍ଦ ଦାବି

# ଆର୍‌ଡ଼ିସି ଅଫିସ ଆଗରେ ଗଣଧାରଣା; ସରକାର ବିରୋଧରେ ଗର୍ଜିଲେ



ବ୍ରହ୍ମପୁର,୧।୭(ସମିସ): ଧରାକୋଟରେ ତଥାକଥିତ ଗୋରକ୍ଷକଙ୍କ ଦ୍ୱାରା ଦଳିତଙ୍କ ଉପରେ ଅତ୍ୟାଚାର ପରିପ୍ରେକ୍ଷୀରେ ବିଶାଳ ଗଣଧାରଣା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଏହି ଗଣଧାରଣାରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରୁ ଦଳିତ ସଂଗଠନ, ଓଡ଼ିଶା ଦଳିତ ମହାସଭାର ସମର୍ଥକଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ନେତୃବୃନ୍ଦ ଯୋଗ ଦେଇଥିଲେ। ମହାସଭାର ଆବାହକ ସଂଗ୍ରାମ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଣଧାରଣାରେ ମୂଳନିବାସୀ ସମତା ପରିଷଦର ଅଭିରାମ ମଲ୍ଲିକ, ସିପିଆଇ (ଏମ-ଏଲ) ନିଉ ଡେମୋକ୍ରାସିର ମୁଖପାତ୍ର ଭାଲଚନ୍ଦ୍ର ଷଡ଼ଙ୍ଗୀ, ଆମ୍ବେଦକର ଲୋହିଆ ବିଚାର ମଞ୍ଚର ଆବାହକ ସଂଗ୍ରାମ ମଲ୍ଲିକ, ସିପିଏମ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ସିପିଆଇ ଜିଲ୍ଲା ସଂପାଦକ ପ୍ରକାଶ ପାତ୍ର, ଅଲ୍ ଓଡ଼ିଶା ଏସସି ଫେଡେରେସନ ସଭାପତି ଧନଞ୍ଜୟ ଦୀପ, ଦଳିତ ନେତା ବିଜୟ ସେଠୀ, ଆମ୍ବେଦକର ଫାଉଣ୍ଡେସନର ପ୍ରଦ୍ୟୁମ୍ନ ନାୟକ, ଅନୁଗୋଳର ଦଳିତ ନେତା ଚିତ୍ତରଞ୍ଜନ ଗୌତମ, ଦଳିତ ମହିଳା ନେତ୍ରୀ ବନିତା ସାମଲ, ଧର୍ମେନ୍ଦ୍ର ନାୟକ, ପୂର୍ବତନ ବିଧାୟକ ଏନ୍ ନାରାୟଣ ରେଡ଼ି, ରାଜେନ୍ଦ୍ର କୁମାର ବେହେରା, ଲୋକଶକ୍ତି ଅଭିଯାନର ପ୍ରଫୁଲ୍ଲ ସାମନ୍ତରା, ଲେଖିକା ଡ଼ଃ ବିଧୁପ୍ରଭା ରଥ, ମାନବବାଦୀ ହେତୁବାଦୀ ସଂଗଠନର ସମ୍ପାଦକ କେ ନାନ୍ଦେଶୁ ସେନାପତି, ଆପ୍ ଜିଲ୍ଲା ସମ୍ପାଦକ ଆଦିତ୍ୟ ରଥ, କୃଷକ ନେତା ବୃନ୍ଦାବନ ଖଟେଇ, ଦଳିତ ନେତା ରାଜୁ ପାଣି ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ।

ଗତ ଏକବର୍ଷରେ ବିଜେପି ଶାସନ କାଳରେ ରାଜ୍ୟରେ ଆଇନ ଶୃଙ୍ଖଳା ଭୁଶୁଡିବା ସହ ଦଳିତ, ଆଦିବାସୀ ଓ ମହିଳାଙ୍କ ଉପରେ ହିଂସା ବୃଦ୍ଧି ପାଇଛି ବୋଲି ଏଠାରେ କୁହାଯାଇଛି। ଗୋ ସୁରକ୍ଷା ନାଁରେ ବେଆଇନ ଭାବେ ରାସ୍ତାରେ ଦଳିତ, ଚାଷୀ ଓ ସାଧାରଣ ଲୋକଙ୍କୁ ଆତଙ୍କିତ, ନିର୍ଯାତିତ କରୁଥିବା ସାମ୍ପ୍ରଦାୟିକ ସଂଗଠନଗୁଡ଼ିକ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଠାରେ ଦାବି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏଆଇକେଏମଏସ୍ ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ଆଇଏଫଟିୟୁ ସଭାପତି ପ୍ରତାପ ପ୍ରଧାନ, ସିଆଇଟିୟୁ ନେତା ପ୍ରତାପ ଚୌଧୁରୀ, ସିପିଆଇ ନେତା ନୀଳକଣ୍ଠ ଦାଶ, କୃଷକ ନେତା ପି ହରିକୃଷ୍ଣ ରେଡ୍ଡୀ, ମହିଳା ନେତ୍ରୀ ଏନ୍ ଭାନୁମତୀ ରେଡ୍ଡୀ, ରାଜେନ୍ଦ୍ର କୁମାର ବେହେରା, ଗୋପାଳକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଦଳିତମାନଙ୍କ ଉପରେ ବର୍ବର ଅତ୍ୟାଚାରର ନିନ୍ଦା କରିଥିଲେ। ସଭା ଶେଷରେ ଏକ ପ୍ରତିନିଧି ଦଳ ଆର୍‌ଡିସିଙ୍କ ସଚିବଙ୍କୁ ଭେଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଧରାକୋଟ ଘଟଣାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତି ଓ ସଂଗଠନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଦୁଇ ପୀଡ଼ିତ ବ୍ୟକ୍ତିଙ୍କୁ କ୍ଷତିପୂରଣ, ଗୋ ସୁରକ୍ଷା ନାଁରେ ଚାଲିଥିବା ଆତଙ୍କରାଜ ବନ୍ଦ କରିବାକୁ ଏଠାରେ ଦାବି କରାଯାଇଥିଲା।

### ଯୁକ୍ତତିନି ତୃତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ

## ବାଣିଜ୍ୟ ଓ ସଂସ୍କୃତରେ ନାମ ଲେଖାଇବାକୁ ଛାତ୍ରଛାତ୍ରୀ ଅରାଜି

ବ୍ରହ୍ମପୁର,୧।୭(ସମିସ): ଗଞ୍ଜାମ ଜିଲ୍ଲାରେ ଥିବା ୬୮ଟି ସରକାରୀ, ସରକାରୀ ଅନୁଦାନ ଓ ବେସରକାରୀ ମହାବିଦ୍ୟାଳୟରେ ଯୁକ୍ତ୩ରେ ନାମ ଲେଖାଇବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କଳାସ୍ରୋତରେ ରାଜନୀତି ବିଜ୍ଞାନ ବିଷୟରେ ସର୍ବାଧିକ ସାଧାରଣ ବର୍ଗରେ ୮୩ ଶତକଡ଼ା କଟ୍‌ଅଫ ମାର୍କ ରହିଛି। ସେହିପରି ବାଣିଜ୍ୟ ସ୍ରୋତରେ ୭୬.୮୩ଶତକଡ଼ା କଟ୍‌ଅଫ ରହିଛି। ବିଜ୍ଞାନରେ ୮୨.୮୩ ପ୍ରତିଶତ କଟଅଫ ମାର୍କ ରହିଥିବା ଜଣାପଡ଼ିଛି। ଶଶିଭୂଷଣ ରଥ ମହିଳା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ କଳାସ୍ରୋତର ଇତିହାସରେ ୭୦ପ୍ରତିଶତ କଟ୍‌ଅଫ ରହିଥିବା ବେଳେ ବାଣିଜ୍ୟରେ ୬୭.୬୭ ଓ ବିଜ୍ଞାନରେ ୮୪.୧୭ ପ୍ରତିଶତ କଟଅଫ୍ ରହିଛି। ଅନୁରୂପ ଭାବେ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ କଳା ସ୍ରୋତର ରାଜନୀତି ବିଜ୍ଞାନରେ ସର୍ବାଧିକ ୬୬.୮୩ କଟ୍‌ଅଫ୍ ମାର୍କ ରହିଥିବା ବେଳେ ବାଣିଜ୍ୟରେ ୫୭.୮୩ ପ୍ରତିଶତ, ବିଜ୍ଞାନରେ ୭୫.୬୭ କଟ୍‌ଅଫ୍ ରହିଥିବା ସୂଚନା ମିଳିଛି। ତୃତୀୟ ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀ ବୁଧବାରଠାରୁ ୪ତାରିଖ ପର୍ଯ୍ୟନ୍ତ ନାମଲେଖାଇ ପାରିବେ ବୋଲି ଜଣାପଡ଼ିଛି। ଜିଲ୍ଲାରେ ବିଭିନ୍ନ କଳା ପାଠ୍ୟକ୍ରମ ନିମନ୍ତେ ମୋଟ ୧୩ହଜାର ୬୪ଟି ସିଟ୍ ରହିଥିବା ବେଳେ ସେଥି ମଧ୍ୟରୁ ଦ୍ୱିତୀୟ ପର୍ଯ୍ୟାୟ ସୁଦ୍ଧା ୫ହଜାର ୬୪୩ଟି ସିଟ ପୂରଣ ହୋଇଛି। ଅବଶିଷ୍ଟ ୭ହଜାର ୪୨୧ସିଟ ଖାଲିପଡ଼ିଛି। ବିଜ୍ଞାନର ବିଭିନ୍ନ ପାଠ୍ୟକ୍ରମରେ ୬ହଜାର ୮୪୮ଟି ସିଟ ମଧ୍ୟରୁ ୨୪ଶହ ୬୪ଟି ସିଟରେ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୪ହଜାର ୩୬୪ଟି ସିଟ୍ ଖାଲି ପଡ଼ିଛି। ବାଣିଜ୍ୟରେ ମୋଟ ୩ହଜାର ୧୬୮ସିଟ୍ ରହିଥିବା ବେଳେ ମାତ୍ର ୮ଶହ ୩୨ଟି ସିଟ୍‌ରେ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ଅବଶିଷ୍ଟ ୨ହଜାର ୩୩୬ସିଟ ଖାଲିପଡ଼ିଛି। ସଂସ୍କୃତ ପାଠ୍ୟକ୍ରମରେ ମୋଟ ୨୫୬ଟି ସିଟ ମଧ୍ୟରୁ ମାତ୍ର ୬୬ଟି ସିଟରେ ନାମ ଲେଖାଯାଇଥିବା ବେଳେ ୧୯୦ଟି ସିଟ ଖାଲିପଡ଼ିଛି। ବାଣିଜ୍ୟ ଓ ସଂସ୍କୃତ ପାଠ୍ୟକ୍ରମରେ ଆଧାରୁ ଅଧିକ ସଂଖ୍ୟକ ସିଟ ଖାଲି ରହୁଥିବା ସହ ଉକ୍ତ ପାଠ୍ୟକ୍ରମରେ ନାମ ଲେଖାଇବାକୁ ଛାତ୍ରଛାତ୍ରୀ ନାପସନ୍ଦ କରୁଥିବା ଜଣାପଡ଼ିଛି।

## ବିଜେଡି ପକ୍ଷରୁ ବନ ମହୋତ୍ସବ



ବ୍ରହ୍ମପୁର,୧।୭(ସମିସ): ବ୍ରହ୍ମପୁର ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ବନ ମହୋତ୍ସବ ପାଳିତ ହୋଇଛି। ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ଗାନ୍ଧୀ ନଗର ଅଞ୍ଚଳରେ ବୃକ୍ଷରୋପଣ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ କିସମର ୫୦ପ୍ରକାରର ଚାରା ରୋପଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲ୍ଲା ବିଜେଡ଼ି ସଭାପତି ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ସାଂସଦ ଚନ୍ଦ୍ର ଶେଖର ସାହୁ, ପୂର୍ବତନ ବିଧାୟକ ବ୍ରହ୍ମପୁର ବିକ୍ରମ କୁମାର ପଣ୍ଡା ଓ ମେୟର ସଂଘମିତ୍ରା ଦଳେଇ ଯୋଗଦେଇ ଗଛ ବିଷୟରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଗୀତାରାଣୀ ପଣ୍ଡା, ଦୁର୍ଗା କୁମାର ଲାୟକ, ରଞ୍ଜିତା ବେହେରା, ଟି. ତ୍ରପତି ପାତ୍ର, ସୋନାଲି ଗନ୍ତାୟତ, ସମିତିସଭ୍ୟ କାହ୍ନୁଚରଣ ପାତ୍ର, ପୂର୍ବତନ କର୍ପୋରେଟର ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ଦୁର୍ଗା ପଣ୍ଡା, ସୁଶାନ୍ତ କୁମାର ସାବତ, ଅଜିତ ପଣ୍ଡା, ମୁକୁନ୍ଦ ଗୌଡ଼, କୈଳାସ ପଟ୍ଟନାୟକ, ଶ୍ୱେତାରେଖା ତ୍ରିପାଠୀ, ପ୍ରଭାକର ମହାନ୍ତି, ଏମ. ସୁଜାତା ପାତ୍ର, ବଳରାମ ପାତ୍ର, ପ୍ରସାଦ ପାତ୍ର, ଜନାର୍ଦ୍ଦନ ପାତ୍ର, ନିରଞ୍ଜନ ଜେନା, ପଙ୍କଜ ସାବତ, ଜିତେନ୍ଦ୍ର ପଟ୍ଟନାୟକ, ପ୍ରମୋଦ ମହାରଣା, କୋମଳ ପାତ୍ର, ସତ୍ୟଜିତ ମହାରଣା, ଅରୁଣ କୁମାର ମିଶ୍ର, କିଶୋର କୁମାର ଦଳେଇ, ବବି ପଣ୍ଡା, ସରୋଜ ପଣ୍ଡାଙ୍କ ସମେତ ବହୁ ବୃକ୍ଷ ପ୍ରେମୀ ଯୋଗଦେଇଥିଲେ।

### ଦ୍ୱିତୀୟ ଦିନରେ ଗଞ୍ଜାମ ଫୁଟବଲ୍ ଲିଗ୍

## ନଟରାଜ କ୍ଲବ ଓ ବାରକ୍ସ କ୍ଲବ୍ ବିଜୟୀ



ବ୍ରହ୍ମପୁର,୧।୭(ସମିସ): ଗଞ୍ଜାମ ଫୁଟବଲ୍ ଲିଗ ଦ୍ୱିତୀୟ ଦିନର ପହଞ୍ଚିଛି। ପ୍ରଥମ ମ୍ୟାଚ ନଟରାଜ ଫୁଟବଲ କ୍ଲବ ସହ ଯୁନାଇଟେଡ଼ ଫୁଟବଲ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ନଟରାଜ କ୍ଲବ ୩-୨ ଗୋଲ କରି ଯୁନାଇଟେଡ଼ କ୍ଲବକୁ ପରାସ୍ତ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଷୋଡକା ଟାଇଗର କ୍ଲବ ଓ ବାରକ୍ସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାରକ୍ସ କ୍ଲବ ୨୧ଗୋଲ କରିଥିବାବେଳେ ଷୋଡକା କୌଣସି ଗୋଲ ନକରି ପରାସ୍ତ ହୋଇଥିବା ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ମ୍ୟାଚରେ ଅତିଥି ଭାବେ ‘ସକାଳ’ ଖବର କାଗଜର ବ୍ରହ୍ମପୁର ସଂସ୍କରଣର ମୁଖ୍ୟ ଶକ୍ତିଧର ରାଜଗୁରୁ, ବିଜୟୀ କୁମାର ପଟ୍ଟନାୟକ, ଅବସର ପ୍ରାପ୍ତ ଖେଳ ଶିକ୍ଷକ କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି. ଡି. ଗନ୍ତାୟତ, ଡି. ଆପ୍ପା ରାଓ, ରାଜେନ୍ଦ୍ର ଗନ୍ତାୟତ, ଗୋପାଳ ପଣ୍ଡା, ପ୍ରମୋଦ ମହାରଣା, ରାଜେନ୍ଦ୍ର ସାହୁ, ବି. ଜେ ପାତ୍ର, ଜି. ଏମ ବାବୁ ଉପସ୍ଥିତ ଥିଲେ। ବିଜୟୀ ବାରକ୍ସ ଦଳର ଉନ୍ନତ ଖେଳ ପ୍ରଦର୍ଶନକୁ ନେଇ ଟିମ୍ ମ୍ୟାନେଜର ମନୋଜ ମହାନ୍ତି ଖେଳାଳିଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି।

# ଦାଦାବଟି ମାମଲାରେ ଫେରାର ୨ ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ

ବ୍ରହ୍ମପୁର,୧।୭(ସମିସ): ଦାଦାବଟି ମାମଲାରେ ଫେରାର ଥିବା ୨ଜଣଙ୍କୁ କାବୁ କରିଛି ଗୋଳନ୍ଥରା ଥାନା ପୁଲିସ। ସେମାନଙ୍କ ମଧ୍ୟରେ ଦିଗପହଣ୍ଡି ଅଞ୍ଚଳର ଜଣେ ନାବାଳକ ରହିଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଜୁଗୁଡି ଗ୍ରାମର ବୁଡୁ ଦାସ(୩୫)। ଅଭିଯୁକ୍ତଙ୍କ ଠାରୁ ୪ଟି ବନ୍ଧୁକ ଓ ୪ଟି ଜୀବନ୍ତ ଗୁଳି ଜବତ ହୋଇଛି। ବୁଡୁଙ୍କ ନିକଟରୁ ପୁଲିସ ଦୁଇଟି ବନ୍ଧୁକ ଓ ନାବାଳକଙ୍କ ନିକଟରୁ ଦୁଇଟି ମାଉଜର ଜବତ କରିଥିବା ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଡ଼ାକ୍ତର ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଏସପିଙ୍କ ସମେତ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ, ଏସ୍‌ଆଇ ଶିଳୁ ଧଳଙ୍କ ସମେତ ଅନ୍ୟାନ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପୂର୍ବରୁ ଏହି ମାମଲାରେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଚାଉଁଡାପଲ୍ଲୀର ଦୁର୍ଦ୍ଧାନ୍ତ ଅପରାଧୀ ପାଣ୍ଡା ଗୌଡ଼, ପେଷାଦାର ଅପରାଧୀ ଦେବେନ୍ଦ୍ର ଓରଫ ଚେରୁ ଗୌଡ଼, ନୀଳମାଧବ ଗୌଡ଼, ନିତିନ ଓରଫ ନୀତିକେସନ ବିଷୋୟୀ ଗିରଫ ହୋଇଥିଲେ। ବ୍ରହ୍ମପୁର ଉପକଣ୍ଠ ଟାମଣା ଅଞ୍ଚଳରେ ଏକ ୬ଜଣିଆ ଗ୍ୟାଙ୍ଗ ଦାଦାବଟି ଆଦାୟ କରୁଥିବା ବେଳେ ବଟି ନଦେଲେ ମାଡ଼ ମାରୁଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଥିଲା। ଦୁଇଟି ଟିମ୍ ଗଠନ କରି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା। ପ୍ରଥମେ ଗତ ୨୪ତାରିଖରେ ଟାମଣା ଅଞ୍ଚଳରୁ ୪ଜଣ ଅଭିଯୁକ୍ତଙ୍କୁ କାବୁ କରାଯାଇଥିବା ବେଳେ ମଙ୍ଗଳବାର ଆଉ ଦୁଇଜଣଙ୍କୁ କାବୁ କରିବାରେ ସଫଳ ହୋଇଛି ଗୋଳନ୍ଥରା ପୁଲିସ। ଗିରଫ ୬ଜଣଙ୍କ ମଧ୍ୟରେ ଜଣେ ନାବାଳକ ରହିଥିବା ପୁଲିସ କହିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଣ୍ଡା ଗୌଡ଼, ଚେରୁ ଗୌଡ଼, ନୀଳମାଧବ ଗୌଡ଼, ନୀତିକେଶନ ବିଷୋୟୀ, ବୁଡୁ ଦାସଙ୍କ ସମେତ ଜଣେ ନାବାଳକ ରହିଛନ୍ତି। ଅଭିଯୁକ୍ତ ନାବାଳକକୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ୨ଟି ବନ୍ଧୁକ, ୨ଟି ମାଉଜର, ୪ଟି ଅଫୁଟା ଗୁଳି, ଦୁଇଟି ଖଣ୍ଡା, ୪ଟି ମୋବାଇଲ ସହ ଗୋଟିଏ ବାଇକକୁ ଜବତ କରିଛି ପୁଲିସ। ପୂର୍ବରୁ ଏହି ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ବେଳେ ଜେଲରୁ ଜାମିନରେ ମୁକୁଳିଥିବା ଜଣାପଡିଛି। ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି। ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ଶରଧାବାଲି ତୃତୀୟ ଲାଇନ ଅଞ୍ଚଳର ରମେଶ ଚନ୍ଦ୍ର ଦାଶ ଗତ ୩ବର୍ଷ ପୂର୍ବେ ମହୁରୀଗଡ଼ ଅଞ୍ଚଳରେ ଏକ ଜମି କିଣି ସେଠାରେ ଫାର୍ମ ହାଉସ ନିର୍ମାଣ କରି ବିଭିନ୍ନ ଚାଷ କରୁଛନ୍ତି। ଉକ୍ତ କାର୍ଯ୍ୟ ଦେଖାରେଖା ପାଇଁ ଏକ ପରିବାରକୁ ନିୟୋଜିତ କରିଥିଲେ। ଗତ ଜୁନ ୧୦ ସନ୍ଧ୍ୟାରେ କିଛି ଯୁବକ ଫାର୍ମ ହାଉସ୍‌ରେ ପଶି ପିସ୍ତଲ ଓ ଖଣ୍ଡା ଦେଖାଇ ସେହି ପରିବାରକୁ ଧମକାଇ ମାଲିକଙ୍କୁ ୬ଲକ୍ଷ ଟଙ୍କା ଦାଦାବଟି ଦେବାକୁ କହିଥିଲେ। ଏନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଥିଲା।



## ଜମି ବିକ୍ରି ଆଳରେ ୧୦ଲକ୍ଷ ଠକେଇ

ବ୍ରହ୍ମପୁର,୧।୭(ସମିସ): ଜଣେ ବ୍ୟକ୍ତିଙ୍କୁ ଜମି ବିକ୍ରି ଆଳରେ ଜନୈକ ଦମ୍ପତି ୧୦ଲକ୍ଷ ଟଙ୍କା ଠକେଇ କରିଥିବା ନେଇ ଗୋଷାଣିନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, କନିଷି ହାଟ ଅଞ୍ଚଳରେ ରହୁଥିବା ଶରତଚନ୍ଦ୍ର ପଟ୍ଟନାୟକ ଗୋଷାଣିନୂଆଗାଁ ଥାନା ଅଞ୍ଚଳରେ ଏକ ପ୍ଲଟ କିଣିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏଥି ନିମନ୍ତେ ସେ କୁନି ସାହୁ ଓ ତାଙ୍କ ସ୍ୱାମୀ ରାମଚନ୍ଦ୍ର ସାହୁଙ୍କ ସହ ଯୋଗାଯୋଗ କରିଥିଲେ। ଗତ ୨୦୨୨ମସିହା ଡିସେମ୍ବର ୧୭ତାରିଖରେ ଏଗ୍ରିମେଣ୍ଟ କରି ଶରତ ଅଗ୍ରୀମ ଭାବେ ୧୦ଲକ୍ଷ ଟଙ୍କା ସାହୁ ଦମ୍ପତିଙ୍କୁ ଦେଇଥିଲେ। ତେବେ ଟଙ୍କା ନେବା ପରଠାରୁ ଜମିର ରେଜିଷ୍ଟ୍ରେସନ ପାଇଁ ସାହୁ ଦମ୍ପତି ଆସିବା ତ ଦୂରର କଥା ଧରାଛୁଆଁ ମଧ୍ୟ ଦେଇନଥିଲେ। ବାରମ୍ବାର କହିବା ସତ୍ତ୍ୱେ ଦମ୍ପତି କର୍ଣ୍ଣପାତ ନକରିବାରୁ ଶରତ ଅଗ୍ରୀମ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ଗତ ମାସ ୩୦ତାରିଖରେ ଶରତ ଉକ୍ତ ଦମ୍ପତିଙ୍କ ଘର ନିକଟକୁ ଯାଇ ଟଙ୍କା ଫେରସ୍ତ କରିବାକୁ କହିବାରୁ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଶେଷରେ ଶରତ ବାଧ୍ୟ ହୋଇ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ।

## ସରକାରୀ ମହିଳା ଉଚ୍ଚ ବିଦ୍ୟାଳୟରେ ସାଇକଲ ବଣ୍ଟନ




ବ୍ରହ୍ମପୁର,୧।୭(ସମିସ): ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ-୨ରେ ମଙ୍ଗଳବାର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଛାତ୍ରୀଙ୍କୁ ସାଇକେଲ ବଣ୍ଟନ କରାଯାଇଛି।ବ୍ରହ୍ମପୁର ଶାଖା ପକ୍ଷରୁ ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଆର୍ଥିକ ଅନଗ୍ରସର ୨୦ଜଣ ଛାତ୍ରୀଙ୍କୁ ସାଇକେଲ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୋପେନ କୁମାର ମୋହନ୍ତ ଓ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଡେପୁଟି ଜ୍ୟାନେରାଲ ମ୍ୟାନେଜର ଆଲୋକ କୁମାର ସିନହାଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ବିଷାକ୍ତ ଛତୁ ଖାଇ ୮ ଅସୁସ୍ଥ

ଗଞ୍ଜାମ,୧।୭(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତ ସାତୁଳି ଗ୍ରାମରେ ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୮ ଜଣ ଅସୁସ୍ଥ ହୋଇଛନ୍ତି। ବିଲରେ ଫୁଟିଥିବା ଛତୁ ଆଣି ଘରେ ସମସ୍ତେ ଖାଇଥିଲେ। ଖାଇବା ପରେ ଅସୁସ୍ଥ ଅନୁଭବ କରିବା ପରେ ୮ଜଣଙ୍କୁ ପ୍ରଥମେ ଖଣ୍ଡିଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଗୁରୁତରମାନେ ହେଲେ ସୁରଥ ସାହୁ, ସୁଶାନ୍ତି ସାହୁ, ଅମର ସାହୁ, ରାଜା ସାହୁ, ବିପନା ସାହୁ, ସୁଇଟି ସାହୁ, ସପନା ସାହୁ, ସୁକୁରୁ ସାହୁ ପ୍ରମୁଖ। ସୋମବାର ସେମାନେ ବିଲରୁ ଆଣିଥିବା ଛତୁ ରୋଷେଇ କରି ଖାଇଥିଲେ। ତେବେ ବର୍ତ୍ତମାନ ସେମାନଙ୍କ ଅବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

ଦିଗପହଣ୍ଡି,୧।୭(ସମିସ): ଦିଗପହଣ୍ଡି ଥାନା ଅଧିନସ୍ଥ ଏକ ଗ୍ରାମରେ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି ।ମାମଲାରେ ପୁଲିସ ଅଭିଯୁକ୍ତ ମୁରଲୀ ବେହେରାକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି। ଗତ ଜୁନ୍ ୨୯ ତାରିଖ ବିଳମ୍ବିତ ରାତିରେ ପରିବାର ଲୋକେ ଘରେ ଶୋଇଥିବା ବେଳେ ନାବାଳିକା ଜଣକ ଅନ୍ୟ ରୁମରେ ଶୋଇଥିଲେ। ଏହି ସମୟରେ ଅଭିଯୁକ୍ତ ମୁରଲୀ ନାବାଳିକା ଶୋଇଥିବା କୋଠରୀ ଭିତରକୁ କୌଶଳକ୍ରମେ ପଶି ତାଙ୍କୁ ଦୁଷ୍କର୍ମ କରିଥିବା ନେଇ ପୀଡ଼ିତାଙ୍କ ବାପା ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ପୁଲିସ ନଂ.୨୩୮/୨୫ ପ୍ରକାରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇବା ସହ ତଦନ୍ତକାରୀ ଅଧିକାରୀ ଏସ.ଆଇ ସୋଫିଆ ମିଶ୍ର ମଙ୍ଗଳବାର ଅଭିଯୁକ୍ତକୁ ବ୍ରହ୍ମପୁର ପୋକ୍‌ସୋ କୋର୍ଟକୁ ଚାଲାଣ କରିଥିବା ଜଣାପଡିଛି।

## ହତ୍ୟା ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୧।୭(ସମିସ): ଦିଗପହଣ୍ଡି ଥାନା ଅନ୍ତର୍ଗତ ଭୀଷ୍ମଗିରି ଗ୍ରାମର ଗୋଲାସାହିରେ ଗତ ରବିବାର ରାତିରେ ସଂଘଟିତ ହତ୍ୟା ମାମଲାରେ ତଦନ୍ତକାରୀ ପୁଲିସ ଅଧିକାରୀ ଜ୍ୟୋତି ରଞ୍ଜନ ବେହେରା ଥାନାରେ ଅଟକ ଥିବା ଅଭିଯୁକ୍ତ ଯୁବକ କେ. ସନ୍ତୋଷ ପାତ୍ରଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛନ୍ତି। ସେଠାରେ ତାଙ୍କର ଜାମିନ ଆବେଦନ ନାମଞ୍ଜୁର ହୋଇ ଯିବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ମୃତକ ବି. ରାମଚନ୍ଦ୍ର ପାତ୍ରଙ୍କ ପରିବାର ପକ୍ଷରୁ ଆୟୋଜିତ ନୃସିଂହ ମହାପ୍ରଭୁଙ୍କ ପୂଜା କାର୍ଯ୍ୟକ୍ରମକୁ ସନ୍ତୋଷଙ୍କୁ ଆମନ୍ତ୍ରଣ ନହେବା ନେଇ ରବିବାର ରାତିରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ରାମଚନ୍ଦ୍ର ଖାଇ ସାରି ନିଜ ବାରଣ୍ଡାରେ ଶୋଇଥିବା ବେଳେ ଅଭିଯୁକ୍ତ ସନ୍ତୋଷ ଭୋରରୁ ଉଠି ଏକ କାଠ ଫାଳିଆରେ ପିଟିପିଟି ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ସକାଳୁ ହତ୍ୟା ଘଟଣା ପ୍ରଚାରିତ ହେବା ପରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ରାମଚନ୍ଦ୍ରଙ୍କ ଭଉଣୀ ସୁନିତା ପାତ୍ରଙ୍କ ଏତଲା ଭିତ୍ତିରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ।


Nippon india Mutual Fund
Wealth sets you free

Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below:

| Date | Time | Location |
|---|---|---|
| 04th July, 2025 | 06:00 PM | Kantabanji |

Venue: Hotel Royal Tulip, Sh-42, Bolangir Road, Kantabanji, Odisha - 767039.
Name: Shib Prasad Joshi | Mob. No.: 8657417350
Nippon Life India Asset Management Limited | CIN : L65910MH1995PLC220793

Good gets better

Mutual Fund investments are subject to market risks, read all scheme related documents carefully.

## ଅଖିଳ ଭାରତ ଆଦିବାସୀ ମହାସଭାର ବନ୍ଦ ପାଳନ



ଗୁମ୍ମା,୧।୭(ସମିସ): ଭାରତୀୟ ଗଣତନ୍ତ୍ର ଏବଂ ଜନସାଧାରଣଙ୍କ ସାମ୍ବିଧାନିକ ମୌଳିକ ଅଧିକାରର ସୁରକ୍ଷା ନିମନ୍ତେ ତଥା ଦେଶରେ ନ୍ୟାୟ ପ୍ରସ୍ଥାପିତ ପାଇଁ ମଙ୍ଗଳବାର ଦିନ "ଭାରତ ବନ୍ଦ' ଡ଼ାକରା ଦିଆଯାଇଥିଲା। ଭାରତ ବନ୍ଦ ଭାରତ ମୁକ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ଖ୍ରୀଷ୍ଟିୟାନ ମୋର୍ଚ୍ଚା, ରାଷ୍ଟ୍ରୀୟ କିଶାନ ମୋର୍ଚ୍ଚା ଏବଂ ବହୁଜନ ସମାଜର ଅନ୍ୟାନ୍ୟ ସଂଗଠନର ମିଳିତ ତତ୍ତ୍ୱାବଧାନରେ ଭାରତ ବନ୍ଦ ପାଳନ କରାଯାଇଥିଲା। ଇଭିଏମ୍‌କୁ ହଟାଇ ବାଲାଟ୍‌ପେପରରେ ସମସ୍ତ ନିର୍ବାଚନ କରିବା ସହ ବିଭିନ୍ନ ଦାବି ନେଇ ଅଖିଳ ଭାରତ ଆଦିବାସୀ ମଞ୍ଚର ଆବାହକ କେଦାର ଶବରଙ୍କ ନେତୃତ୍ୱରେ ଏହି ପ୍ରଦର୍ଶନ କରାଯାଇଥିଲା। ଧରାକୋଟ ଘଟଣାର ଯେଉଁ ଗରିବ ଦଳିତ ଲୋକଙ୍କ ଉପରେ ବର୍ବରୋଚିତ ଆକ୍ରମଣ କରଯାଇଥିଲା ସେମାନଙ୍କୁ ୨ଏକର ସରକାରୀ ଜମି ଓ ସର୍ବନିମ୍ନ ୧୦ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସାହାଯ୍ୟ ପ୍ରଦାନ ନିମନ୍ତେ ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରଯାଇଥିଲା। କାର୍ଯ୍ୟକ୍ରମରେ ସୁସ୍ତିର ଷଡ଼ଙ୍ଗୀ, ନିରୋଜ ଷଡ଼ଙ୍ଗୀ, ଶୁଭାଶିଷ ଏଡ଼ଲା, କିରଣ ପାଣି, ଅଷ୍ଟିନ ଶବର, ବୟାଜ ବେବର୍ତ୍ତା, ରମେଶ ପାଣି ଓ ସ୍ଥାନୀୟ ଆଦିବାସୀ ସାମିଲ ହୋଇଥିଲେ।

# ସରକାରଙ୍କ ଅପାରଗତା ବିରୋଧରେ ଗର୍ଜିଲେ ଆଦିବାସୀ ଓ ଦଳିତ

ମୋହନା,୧।୭(ସମିସ)



ଗଜପତି ଜିଲ୍ଲା ମୋହନାରେ ରାଜ୍ୟ ସରକାରଙ୍କ ଅପାରଗତା ଏବଂ ସାମ୍ପ୍ରଦାୟିକ ଶାସନ ବ୍ୟବସ୍ଥାକୁ ବିରୋଧ କରି ବନ୍ଦ ପାଳନ କରାଯାଇଛି। ଆଜି ସକାଳ ୬ଟାରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ଏସଏସଡ଼ି) ଛକରେ ଭାରତ ମୁକ୍ତି ମୋର୍ଚ୍ଚା, ବହୁଜନ କ୍ରାନ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ, ରାଷ୍ଟ୍ରୀୟ ପରିବର୍ତ୍ତନ ମୋର୍ଚ୍ଚା, ରାଷ୍ଟ୍ରୀୟ ମୁସଲିମ ମୋର୍ଚ୍ଚା, ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚା ଡାକରାରେ ଗଜପତି ଉତ୍କଳ ପାଣ ଖ୍ରୀଷ୍ଟିଆନ ସମାଜ ପକ୍ଷରୁ ଭାରତ ବନ୍ଦକୁ ସଫଳ କରିବାକୁ ଜାତୀୟ ରାଜପଥ ୩୨୬କୁ ସାଢ଼େ ସାତ ଘଣ୍ଟା ପର୍ଯ୍ୟନ୍ତ ଅବରୋଧ କରାଯାଇଥିଲା। ସେମାନଙ୍କର ଦାବି ମୁତାବକ ଇଭିଏମ ବନ୍ଦ କରି ବାଲାଟ୍‌ପେପରରେ ନିର୍ବାଚନ, କେନ୍ଦ୍ର ସରକାରଙ୍କ ଦ୍ୱାରା ଓବିସିମାନଙ୍କର ଜାତିଭିତ୍ତିକ ଗଣନକୁ ବନ୍ଦ କରିବା, ଆରଏସ୍‌ଏସ୍ ଓ ବିଜେପି ଦ୍ୱାରା ମୂଳ ନିବାସୀ ବହୁଜନ ମହାପୁରୁଷଙ୍କୁ ଅପମାନିତ କରାଯିବା, ବୌଦ୍ଧ ଗୟା ମନ୍ଦିର ଆକ୍ଟ ୧୯୪୯ ବିରୋଧରେ ଓ ଅସାମ୍ବିଧାନିକ ୱାକଫ୍ ସଂଶୋଧନ ବିଧେୟକ ୨୦୨୫କୁ ବିରୋଧ କରି ହାଇସ୍କୁଲ ଛକଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଓ ମୋହନା-ବ୍ରହ୍ମପୁର-ରାୟଗଡ଼ା-ପାରଳାଖେମୁଣ୍ଡି ଜାତୀୟ ରାଜପଥ ୩୨୬ ଓ ରାଜ୍ୟ ରାଜପଥ ସୋରଡା ଯିବା ରାସ୍ତାକୁ ଘେରାବନ୍ଦି କରି ସାଢ଼େ ସାତ ଘଣ୍ଟ ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ରାସ୍ତାରୋକ ଫଳରେ ଶହ ଶହ ଗାଡ଼ି ଅଟକି ରହିଥିଲା। ଆଜିର ଏହି ବନ୍ଦ ଡାକରାରେ ବିଭିନ୍ନ ସଂଗଠନର ନେତୃବୃନ୍ଦ ଆଦିବାସୀ ନେତା ଆବ୍ରାହାମ ଗମାଙ୍ଗ, ସଂଖ୍ୟାଲଘୁ ନେତା ଦେବାନନ୍ଦ ନାୟକ, ପ୍ରମୋଦ ନାୟକ, ହାଡ଼ିବନ୍ଧୁ ନାୟକ, ସାଗର ବଳିଆର ସିଂ, ପ୍ରଫୁଲ୍ଲ ପରିଚ୍ଛା, ସୁଶାନ୍ତ ନାୟକ, ପାଶକାଲ ବେହେରା, ରାଜୀବ ନାୟକ, ଫେଲିସ ନାୟକ, ଲରେନସ ନାୟକ, ରମାକାନ୍ତ ନାୟକଙ୍କ ସମେତ ଦୁଇ ଶହରୁ ଅଧିକ କାର୍ଯ୍ୟକର୍ତ୍ତା ସାମିଲ ଥିଲେ। ସେହିଭଳି ଲୁହାଗୁଡ଼ି ଛକରେ ମଧ୍ୟ ସରପଞ୍ଚ କୈଳାଶ ବଡ଼ରଇତଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା।

**୭ ଘଣ୍ଟା ଜାତୀୟ ରାଜପଥ ଅବରୋଧ**

## ଡ଼ବଲ ଇଞ୍ଜିନ ଶାସନରେ ଭୁଶୁଡ଼ିଛି ଆଇନଶୃଙ୍ଖଳା




ପାରଳାଖେମୁଣ୍ଡି,୧।୭(ସମିସ): ଗଞ୍ଜାମ ଜିଲ୍ଲା ଧରାକୋଟରେ ତଥାକଥିତ ଗୋ ରକ୍ଷକଙ୍କ ଦ୍ୱାରା ଦଳିତଙ୍କ ଉପରେ ଅତ୍ୟାଚାର ପ୍ରତିବାଦରେ ମଙ୍ଗଳବାର ପାରଳାଖେମୁଣ୍ଡିରେ ଦଳିତ ଓ ଆଦିବାସୀ ସମାଜ ପକ୍ଷରୁ ଗଣଧାରଣା ଦିଆଯାଇଚି। ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଗଣଧାରଣାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଦଳିତ ସଂଗଠନ, ଓଡ଼ିଶା ଦଳିତ ମହାସଭା ଓ ସର୍ବଭାରତୀୟ ଆଦିବାସୀ ସଂଗଠନ ଅଖିଳ ଭାରତ ଆଦିବାସୀ ମଞ୍ଚର ସମର୍ଥକ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଆଦିବାସୀ ମଞ୍ଚର ଆବାହକ କେଦାର ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗଣଧାରଣାରେ ମଞ୍ଚର ଜିଲ୍ଲା କମିଟି ସଭ୍ୟ ବିଳାଶ ଶବର, ଜୁନେସ ମେଦି, କିସମ ଶବର, ଓଡ଼ିଶା ଦଳିତ ମହାସଭାର ଚୈତନ୍ୟ ଲିମା, ରାମାରାଓ ଜେନା, ସମାଜସେବୀ ଆମୋଦ କୁମାର ବର୍ଦ୍ଧନ ଯୋଗଦେଇ ରାଜ୍ୟରେ ଅପରାଧ ଚରମ ସୀମାରେ ପହଞ୍ଚିଛି, ଡବଲ ଇଞ୍ଜିନ ସରକାର ଦଳିତ, ଆଦିବାସୀ ଓ ମହିଳା ବିରୋଧୀ ବୋଲି କହିବା ସହ ଏକ ବର୍ଷର ବିଜେପି ଶାସନରେ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡି ପଡ଼ିଥିବା କହିଥିଲେ। ଶେଷରେ ଏକ ପ୍ରତିନିଧି ଦଳ ଗଜପତିର ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେଥିରେ ଧରାକୋଟ ଘଟଣାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତି ଓ ସଂଗଠନ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଦୁଇ ପୀଡ଼ିତିଙ୍କୁ ସର୍ବନିମ୍ନ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ଜାତିଗତ ହିଂସା ଓ ସାମାଜିକ ବାସନ୍ଦ ଘଟଣାରେ ସମ୍ବେଦନଶୀଳ ହୋଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେବା ତଥା ରାଜ୍ୟରେ ଭୂମିହୀନ ଦଳିତଙ୍କୁ ଚିହ୍ନଟ କରି ସରକାରଙ୍କ ପକ୍ଷରୁ ବାସଯୋଗ୍ୟ ଓ ଚାଷଯୋଗ୍ୟ ଜମି ବଣ୍ଟନ କରାଯାଉ ବୋଲି ଦାବି କରିଛନ୍ତି।

## ବସ୍‌କୁ ଧକ୍କା ଦେଲା ବାଇକ୍; ୨ ଆହତ

ଗୋଷାଣି,୧।୭(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସାତମାଇଲ ଛକ ନିକଟରେ ବସ୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଆଜି ଅପରାହ୍ନ ୪ଟାରେ ଅଡବାରୁ ପାରଳାଖେମୁଣ୍ଡି ଆସୁଥିବା ଘରୋଇ ବସ୍‌କୁ ପାରଳାଖେମୁଣ୍ଡିରୁ ଉପଲଡା ଯାଉଥିବା ବାଇକ୍ ଧକ୍କା ଦେଇଥିଲା। ଏଥିରେ ବାଇକ ଚାଳକ ଜି. ନେତାଜୀ (୪୦) ଗୁରୁତର ଆହତ ହୋଇଥିଲେ। ବାଇକ୍‌ରେ ବସିଥିବା ଜି. ପାର୍ବତୀ ନାମକ ମହିଳା ମଧ୍ୟ ଆହତ ହୋଇଛନ୍ତି। ଉଭୟଙ୍କୁ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଡକାଇ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଜି.ନେତାଜୀଙ୍କୁ ଗୁରୁତର ଅବସ୍ଥାରେ ଆନ୍ଧ୍ରର ଶ୍ରୀକାକୁଲମ୍ ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆହତ ଦ୍ୱୟ ଆନ୍ଧ୍ରପ୍ରଦେଶର ବୋଲି ଜଣାପଡିଛି।



# ବିଭିନ୍ନ ସ୍ଥାନରେ ଭାରତ ବନ୍ଦ




ଦାରିଙ୍ଗବାଡ଼ି,୧।୭(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକରେ ଭାରତ ବନ୍ଦ ପାଳନ କରାଯାଇଛି। ଭାରତ ମୁକ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା, ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚା, ବହୁଜନ କ୍ରାନ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ମୁସଲିମ ମୋର୍ଚ୍ଚା ପକ୍ଷରୁ ଭାରତ ବନ୍ଦ ଡାକରାକୁ ଦାରିଙ୍ଗବାଡ଼ିରେ ସମର୍ଥନ କରିଥିଲେ। ଉକ୍ତ ସଂଗଠନର ସଦସ୍ୟ, ପ୍ରତିନିଧି ମାନେ ଦାରିଙ୍ଗବାଡ଼ି ୪ ଛକରେ ଏକାଠି ହୋଇ ଦୋକାନ ବଜାର ବନ୍ଦ କରିବା ସହିତ ବସ, ଟ୍ରକ ଓ ଅନ୍ୟ ଯାନବାହାନ ଚଳାଚଳ ବନ୍ଦ କରିଥିଲେ। ସେହିପରି ବ୍ରାହ୍ମଣୀଗାଁ ଥାନା ଅଞ୍ଚଳ, ସିମନବାଡ଼ି ଅଞ୍ଚଳରେ ବନ୍ଦର ପ୍ରଭାବରେ ଦୋକାନ ବଜାର ସହ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ବନ୍ଦର ନେତୃତ୍ୱ ବହୁଜନ କ୍ରାନ୍ତି ମୋର୍ଚ୍ଚା ଜିଲ୍ଲା ସଂଯୋଜକ ପ୍ରଶାନ୍ତ ପ୍ରଧାନ ଓ ମହିଳା ନେତ୍ରୀ ବିଳାସିନୀ ନାୟକ, ଯୁବ ନେତା ଏନସ ପ୍ରଧାନ, ସମାଜସେବୀ ପ୍ରମୋଦ ଦିଗାଲ, କୁଶନାଥ ପ୍ରଧାନ, ତ୍ରିନାଥ ପ୍ରଧାନ, ମୋହନ ପ୍ରଧାନ, ଜୁନୁସ ପ୍ରଧାନ, ଜୋହାନ ପ୍ରଧାନ, ବିଘ୍ନେଶ୍ୱର ନାୟକ ନେଇଥିଲେ।

**ବ୍ରାହ୍ମଣୀଗାଁ:** ଭାରତ ମୁକ୍ତି ମୋର୍ଚ୍ଚା ତରଫରୁ ବ୍ରାହ୍ମଣୀଗାଁ ହାଟପଦା ପ୍ରାଙ୍ଗଣରେ ୮ପଞ୍ଚାୟତ ଓ ନିକଟବର୍ତ୍ତି ଗଜପତି ଜିଲ୍ଲାର ବହୁଜନ ସମାଜ ସଦସ୍ୟ ଭାରତ ବନ୍ଦ ଅବସରରେ ଏକତ୍ର ହୋଇଥିଲେ। ୧୦ଦଫା ଦାବି ସମ୍ବଳିତ ଏକ ଦାବିପତ୍ରର ଯଥାର୍ଥତା ଆଲୋଚନା କରିବା ପରେ ପରମାକାନ୍ତ ବଳିୟାର ସିଂହଙ୍କ ନେତୃତ୍ୱରେ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରି ସ୍ଥାନୀୟ ଥାନାର ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ହାଇବୁରୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଦୋକାନ, ଯାନବାହନ ଚଳାଚଳ ସକାଳୁ ବନ୍ଦ ରହିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୁଲିସ ମୁତୟନ ହୋଇଥିଲେ।



**ଜି.ଉଦୟଗିରି:** ଭାରତ ମୁକ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା, ବହୁଜନ କ୍ରାନ୍ତି ମୋର୍ଚ୍ଚା ଓ ରାଷ୍ଟ୍ରୀୟ ପରିବର୍ତ୍ତନ ମୋର୍ଚ୍ଚାଙ୍କ ନେତୃତ୍ୱରେ ଦିଆଯାଇଥିବା ବନ୍ଦ ଡାକରା ଜି.ଉଦୟଗିରିରେ ସଫଳ ହୋଇଛି। ଇଭିଏମ ବଦଳରେ ବାଲଟପେପର ପ୍ରଚଳନ, ଜନଗଣନାରେ ଜାତିଭତ୍ତିକ ଗଣନା ତୁରନ୍ତ କରିବା, ବାବା ସାହେବ ଆମ୍ବେଦକରଙ୍କ ଉପରେ ଅମିତ ଶାହାଙ୍କ ଅପମାନଜନକ ମନ୍ତବ୍ୟ, ବୌଦ୍ଧାଗୟା ମହାବିହାର ହସ୍ତାନ୍ତର ଦାବି ଓ ୱାକଫ ସଂଶୋଧନ ବିଲ ଅସାମ୍ବିଧାନିକ, ଆଦିବାସୀଙ୍କୁ ସେମାନଙ୍କ ଜଳ, ଜଙ୍ଗଲ, ଜମିରୁ ବିକାଶ ନାମରେ ବିସ୍ଥାପନ କରିବା ଷଡ଼ଯନ୍ତ୍ର ରୋକିବା ଦାବୀ ନେଇ ବନ୍ଦର ଡାକରା ଦିଆଯାଇଥିଲା। ସକାଳ ୬ ରୁ ମଧ୍ୟାହ୍ନ ୧ ଘଣ୍ଟିକା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଥିବା ବେଳେ ଜି.ଉଦୟଗିରିର ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ଓ ଯାତାୟାତ ପ୍ରଭାବିତ ହୋଇଥିଲା। ସମସ୍ତ ଦୋକାନ ବନ୍ଦ ରହିଥିବା ଓ ରାସ୍ତାଘାଟ ଶୂନଶାନ ରହିଥିଲା। ଏହାର ପ୍ରଭାବ କଳିଙ୍ଗରେ ମଧ୍ୟ ଦେଖିବାକୁ ମିଳିଥିଲା। ବନ୍ଦ ଡାକରାକୁ ଲକ୍ଷ କରି ପୁଲିସ ତରଫରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



### ● ଉଦ୍‌ଘାଟନକୁ ତିନି ବର୍ଷ ପୂରିଲା

## କାମରେ ଆସୁନି ବିୟୁଟିପାର୍ଲର ପ୍ରଶିକ୍ଷଣ କେନ୍ଦ୍ର




ଗୁମ୍ମା,୧।୭(ସମିସ): ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ସରକାର ଏକାଧିକ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଭିତ୍ତିଭୂମି ଯୋଗାଇ ଦେଉଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ବହୁ ପ୍ରକଳ୍ପ କାମରେ ଲାଗୁନି। ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦର ମହକୁମା ମାର୍କେଟ କମ୍ପ୍ଲେକସରେ ତତ୍କାଳୀନ ଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଦ୍ୱାରା ଗତ ଜୁଲାଇ ୨୦୨୨ରେ ବିୟୁଟି ପାର୍ଲର ତଥା ପ୍ରଶିକ୍ଷଣ କେନ୍ଦ୍ରର ଉଦ୍‌ଘାଟନ ହୋଇଥିଲା। ହେଲେ ଉଦ୍‌ଘାଟନର ୩ ବର୍ଷ ପରେ ମଧ୍ୟ ଉକ୍ତ ବିୟୁଟି ପାର୍ଲର ତଥା ପ୍ରଶିକ୍ଷଣ କେନ୍ଦ୍ର ସ୍ଥାନୀୟ ଜନସାଧାରଣଙ୍କ କାର୍ଯ୍ୟରେ ଆସୁନାହିଁ। ଯୋଜନାର ପ୍ରକୃତ ଉଦ୍ଦେଶ୍ୟ ଥିଲା ଉପାନ୍ତ ଅଞ୍ଚଳରେ ମହିଳାଙ୍କୁ ରୋଜଗାରକ୍ଷମ ସହ ଗ୍ରାମାଞ୍ଚଳରେ ସହର ପରି ସୁନ୍ଦରତାକୁ ଅଗ୍ରାଧିକାର ଦେବା। ତେବେ ଉକ୍ତ ପ୍ରଶିକ୍ଷଣ ଶିବିରକୁ ଗଜପତି ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ମିଶନ ଜୀବିକା ମାଧ୍ୟମରେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ଅଞ୍ଚଳର ମହିଳାଙ୍କୁ ସ୍ୱାବଲମ୍ବୀ ତଥା ରୋଜଗାରକ୍ଷମ ହେବାରେ ଯୋଜନାର ଉଦ୍ଦେଶ୍ୟ ଥିଲା। କିନ୍ତୁ ପରିଚାଳନାଗତ ତ୍ରୁଟି ଯୋଗୁ କାମରେ ଲାଗିପାରିନି ଏହି ପ୍ରଶିକ୍ଷଣ ଶିବିର। ତୁରନ୍ତ ଉକ୍ତ ଶିବିର କାର୍ଯ୍ୟକ୍ଷମ କରିବାକୁ ଦାବି କରିଛନ୍ତି ଅଞ୍ଚଳବାସୀ। ଏନେଇ ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, ନୂତନ ସ୍ୱୟଂ ସହାୟକ ଗୋଷ୍ଠୀ ଚୟନ ପାଇଁ ଗୁମ୍ମା ବ୍ଲକ କାର୍ଯ୍ୟାଳୟକୁ ଚିଠି କରାଯାଇଛି। ତୁରନ୍ତ ଉକ୍ତ ପ୍ରଶିକ୍ଷଣ ଶିବିର କାର୍ଯ୍ୟକାରୀ କରାଯିବ ବୋଲି କୁହାଯାଇଛି।

### ● ଓଡିଶା ପ୍ରଶାସନିକ ସେବା ସଂଘ ଓ ଓଡ଼ିଶା ରାଜସ୍ୱ ସେବା ସଂଘ ଗଜପତି ଜିଲ୍ଲା ଶାଖାର ଜରୁରୀ ବୈଠକ

## ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟିରେ ଗଲେ ଅଧିକାରୀ

ପାରଳାଖେମୁଣ୍ଡି,୧।୭(ସମିସ): ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣର ପ୍ରତିବାଦରେ ଓଡ଼ିଶା ପ୍ରଶାସନିକ ସେବା ସଂଘ ଏବଂ ଓଡ଼ିଶା ରାଜସ୍ୱ ସେବା ସଂଘର ଗଜପତି ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ-୨ରେ ଆଜି ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ତଥା ସଂଘର ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ସମସ୍ତ ଓଏଏସ୍ଏ ଅଧିକାରୀ ଯୋଗ ଦେଇଥିଲେ। ଭୁବନେଶ୍ୱରର ଘଟଣାକୁ ନିନ୍ଦା କରାଯାଇଥିଲା। ବରିଷ୍ଠ ଅଧିକାରୀ ଏବଂ ଅନ୍ୟ ଅଧିକାରୀଙ୍କ ଉପରେ ଆକ୍ରମଣର ପ୍ରତିବାଦ ସ୍ୱରୂପ, ଓଏସ୍ଏ ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟିରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। କର୍ତ୍ତବ୍ୟ ପାଳନ କରୁଥିବା ଅଧିକାରୀମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ଦାବି କରାଯାଇଛି। ଏନେଇ ଏକ ଦାବିପତ୍ର ଏବଂ ସମୂହଛୁଟି ଦରଖାସ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଆଜିଠାରୁ ଅଧିକାରୀଙ୍କ ଏପରି ଛୁଟିରେ ଯିବାର ପ୍ରଭାବ ପ୍ରତିଫଳନ ହୋଇଛି। ପାରଳାଖେମୁଣ୍ଡି ସବରେଜିଷ୍ଟ୍ରାର ଅଫିସର ଛୁଟିରେ ଯିବା ପରେ କାର୍ଯ୍ୟ ପଞ୍ଜୀକୃତ ହେଉନଥିବାକୁ ନେଇ ପ୍ରବଳ ପାଟିତୁଣ୍ଡ ହୋଇଥିଲା।



## କଳିଙ୍ଗ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ଜି.ଉଦୟଗିରି,୧।୭(ସମିସ): ଜି.ଉଦୟଗିରି ବ୍ଲକ କଳିଙ୍ଗ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେର ଅବସର ଗ୍ରହଣ କରିବା ପରେ ନୂତନ ଅଧ୍ୟକ୍ଷ ଭାବେ ପ୍ରସନ୍ନ କୁମାର ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ କେବିଡିଏଭି ମହାବିଦ୍ୟାଳୟ, ନିରାକାରପୁର, ଖୋର୍ଦ୍ଧାରେ ପଦାର୍ଥ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଥିଲେ। ପ୍ରକାଶ ଥାଉ କି, ଗତକାଲି ମହାବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଭରତ ପ୍ରଧାନ ମଧ୍ୟ ଅବସର ନେଇଥିବା ବେଳେ, ଅନ୍ୟ ମହାବିଦ୍ୟାଳୟକୁ ବଦଳି ହୋଇଥିବା ଓଡ଼ିଆ ବିଭାଗର ୨ଜଣ ଅଧ୍ୟାପିକା ମାମିନା ଦାସ, ସବିତା ଟୁଡୁ ଏବଂ ଇତିହାସ ବିଭାଗ ଅଧ୍ୟାପକ ରୂପବନ୍ତ ଭୋଇଙ୍କ ନିମନ୍ତେ ଏକ ବିଦାୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ବିଦାୟୀ ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେରଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା ଅଣଶିକ୍ଷକ କର୍ମଚାରୀ ବୃନ୍ଦ ନୂତନ ଅଧ୍ୟକ୍ଷ ଏବଂ ଓଡ଼ିଆ ବିଭାଗକୁ ବଦଳି ହୋଇ ଆସିଥିବା ପ୍ରାଧ୍ୟାପକ ନିରଞ୍ଜନ ପାଣ୍ଡିଆଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ।



### ଜିରାଙ୍ଗ ବଳଦେବଜୀଉ ମନ୍ଦିରରେ ହେରାପଞ୍ଚମୀ

# ଲାଗିହେଲା ଅମୃତଭାଣ୍ଡ; ମାନସିକଧାରୀଙ୍କ ମୁଣ୍ଡନ



ରାୟଗଡ,୧।୭(ସମିସ): ଗଜପତି ଜିଲ୍ଲା ରାୟଗଡ ବ୍ଲକ ଜିରାଙ୍ଗସ୍ଥିତ ବଳଦେବ ଜୀଉଙ୍କ ମନ୍ଦିରରେ ହେରାପଞ୍ଚମୀ ନୀତି ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ହେରାପଞ୍ଚମୀରେ ଜିଲ୍ଲାର ବିଭିନ୍ନ ସ୍ଥାନ ସମେତ ପଡୋଶୀ ରାୟଗଡା, ଗଞ୍ଜାମ ଏବଂ ଅନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନରୁ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥିଲା। ଏଠାରେ ୩ ଠାକୁର ପୂଜା ପାଉଛନ୍ତି। ତଥାପି ବଳଦେବଜୀଉଙ୍କ ନିକଟରେ ମାନସିକ କଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଥିବାରୁ ଏଠାକୁ ମାନସିକ ପୂରଣ ପାଇଁ ବହୁ ଲୋକେ ଧାଇଁ ଆସିଥାନ୍ତି। ମାନସିକ ପୂରଣ ହେବା ପରେ ମୁଣ୍ଡନ ଓ ଅମୃତଭୋଗ କରିଥାନ୍ତି। ପ୍ରକାଶ ଯେ, କଳାପାହାଡ ଓଡ଼ିଶାର ବିଭିନ୍ନ ମନ୍ଦିର ଉପରେ ଆକ୍ରମଣ କରିବା ସହ ଠାକୁରଙ୍କୁ ଚୋରି କରିନେଇଥିଲା। ସେହି ସମୟରେ ଜଗନ୍ନାଥ ମନ୍ଦିର ଉପରେ ମଧ୍ୟ ଆକ୍ରମଣ ହୋଇଥିଲା। ଠାକୁରଙ୍କୁ ସୁରକ୍ଷା ଦେବାକୁ ପୁରୀ ମହାରାଜା ୩ ଠାକୁରଙ୍କୁ ଜିରାଙ୍ଗ ଅଞ୍ଚଳରେ ଥିବା ଘଞ୍ଚ ଜଙ୍ଗଲ ମଧ୍ୟରେ ଲୁଚାଇ ରଖିଥିଲେ। ସେତେବେଳେ ଏହି ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ବିଭିନ୍ନ ପ୍ରକାର ଫଳ ଏବଂ ଗୌଡ଼ମାନଙ୍କ ଦ୍ୱାରା କ୍ଷୀର, ଦହି, ଛେନା ଆଦି ଖାଇବାକୁ ଦେଇଥିଲେ। ପରେ ମହାରାଜା ଠାକୁରଙ୍କୁ ଫେରାଇ ନେଇଥିଲେ ମଧ୍ୟ ବଳଦେବଜୀଉ ଏଠାକାର ଆଦିବାସୀଙ୍କ ଆତିଥ୍ୟ ଏବଂ ଗୌଡ଼ମାନଙ୍କ କ୍ଷୀରକୁ ଭୂଲି ପାରିନଥିଲେ। ତେଣୁ ସେ ଏଠାରେ ହିଁ ରହିଯାଇଥିବା ଲୋକଙ୍କ ବିଶ୍ୱାସ ରହିଛି। ତେଣୁ ଦହି ଛେନା କ୍ଷୀରରେ ପ୍ରସ୍ତୁତ ଅମୃତଭାଣ୍ଡ ଭୋଗ ଲାଗି ହୋଇଥାଏ ବୋଲି ଏଠାକାର ପୂଜକ ଗୋପାଳ କୃଷ୍ଣ ପଣ୍ଡା କହିଛନ୍ତି। ପ୍ରତିବର୍ଷ ଏଠାରେ ରଥଯାତ୍ରା ଆୟୋଜିତ ହୋଇଥାଏ। ହେରାପଞ୍ଚମୀରେ ଏଠାରେ ହେଉଥିବା ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟି ରଖି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥାଏ। ଲୋକେ ବଳଦେବ ଜୀଉଙ୍କ ମନପସନ୍ଦ ଅମୃତଭାଣ୍ଡ ଭୋଗ ଲାଗି କରିଥାନ୍ତି। ଏଠାକାର ଗୌଡମାନଙ୍କ ଦ୍ୱାରା ପ୍ରସ୍ତୁତ ଭୋଗ ଲଗାଇବା ସହ ମାନସିକ କରିବା ଦ୍ୱାରା ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ଏଠାରେ ଗୌଡ ସେବାୟତ ମଧ୍ୟ ନିୟୋଜିତ ହୋଇଛନ୍ତି। ସେହିପରି ମାନସ୍କାମନା ପୂରଣ ହେବାପରେ ହେରା ପଞ୍ଚମୀ ତିଥିରେ ଆସି ମୁଣ୍ଡନ ହେବାର ପରମ୍ପରା ରହିଆସିଛି।



### ● ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣର ପ୍ରତିବାଦ

## ବ୍ଲକ କର୍ମଚାରୀ ଓ ଅଧିକାରୀଙ୍କ କଳାବ୍ୟାଜ୍ ପରିଧାନ



ଦାରିଙ୍ଗବାଡି,୧।୭(ସମିସ): ଭୁବନେଶରର ବିଏମ୍‌ସିରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣର ପ୍ରତିବାଦରେ ମଙ୍ଗଳବାର କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ ପରିସରରେ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିଥିଲେ କର୍ମଚାରୀ। ବ୍ଲକର ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ କିରାଣୀ, ଯନ୍ତ୍ରୀ, ବିପିଏମ, ଯୋଗାଣ ବିଭାଗର କର୍ମଚାରୀ ଉନ୍ନୟନ ବିଭାଗ ଡେସ୍କର କର୍ମଚାରୀ ସମସ୍ତେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହି ଆନ୍ଦୋଳନରେ ସହକାରୀ ନିର୍ବାହୀଯନ୍ତ୍ରୀ ସଞ୍ଜୟ ରଥଙ୍କ ସମେତ କ୍ୟାସିୟର ବିଭୁତି ଭୂଷଣ ସାହୁ, ପଞ୍ଚାୟତ ଉନ୍ନୟନ ଅଧିକାରୀ ସୁରେଶ ପଣ୍ଡା, ଓଡ଼ିଶା ଜୀବିକା ମିଶନର ବିପିଏମ ପିଣ୍ଟୁ ନାୟକ, ଯୋଗାଣ ନିରୀକ୍ଷକ ନିହାର ବେହେରା, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଖେତୀଶ ପ୍ରିୟଦର୍ଶୀ ସାହୁ ଓ ମମତା ବେହେରାଙ୍କ ସମେତ ୨୫ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସମସ୍ତ ବ୍ଲକ କର୍ମଚାରୀ ଏଥିରେ ସାମିଲ ହୋଇଛନ୍ତି।

# ଛତ୍ରପୁରରେ ହେରାପଞ୍ଚମୀ ପାଳିତ



ଛତ୍ରପୁର,୧।୭(ସମିସ): ଚାଲିଛି ପ୍ରଭୁ ଜଗନ୍ନାଥଙ୍କ ମାନବୀୟ ଲୀଳା। ରଥଯାତ୍ରା ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥ ମାଉସୀ ମା'ମନ୍ଦିରରେ ବିଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ମଙ୍ଗଳବାର ହେରା ପଞ୍ଚମୀ ଥିବାରୁ ଗଞ୍ଜାମ ଜିଲ୍ଲା ଛତ୍ରପୁର ସହରର ବିଭିନ୍ନ ସ୍ଥାନରେ ଏହା ଧୁମଧାମ ସହକାରେ ପାଳିତ ହୋଇଛି। ଠାକୁରଙ୍କ ରିତୀ ନିତୀ ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ମହାପ୍ରଭୁଙ୍କ ନରସିଂହ ଅବତାର ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ରିତୀନିତୀ ଏବଂ ପରମ୍ପରା ଅନୁଯାୟୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦେବୀ ମହାଲକ୍ଷ୍ମୀଙ୍କୁ ଏକ ସୁସଜ୍ଜିତ ବିମାନ ଯୋଗେ ଆଡ଼ପ ମଣ୍ଡପ ନିଆଯାଇଥିଲା। ସେଠାରେ ମା ମହାଲକ୍ଷ୍ମୀ ରାଗରେ ଜଗନ୍ନାଥଙ୍କ ରଥକୁ ଭାଙ୍ଗିଥିଲେ। ପୂର୍ବାହ୍ନରେ ଓଲିଉଡର ହାସ୍ୟାଭିନେତା ହରିହର ମହାପାତ୍ର ଛତ୍ରପୁର ମଝିବଜାର ସ୍ଥିତ ଆଡପ ମଣ୍ଡପରେ ଚତୁର୍ଦ୍ଧାମୁର୍ତ୍ତୀଙ୍କୁ ଦର୍ଶନ କରିଥିଲେ। ମନ୍ଦିର ପରିଚାଳନା କମିଟିର ସଭାପତି ସୁଧିରକାନ୍ତ ରଥ, ଆଦିକନ୍ଦ ପାଣିଗ୍ରାହୀ, ରାମ ଚନ୍ଦ୍ର ପଟ୍ଟନାୟକ, ଭାଗବତ ପ୍ରସାଦ ମହାପାତ୍ର, କିଶୋର ଚନ୍ଦ୍ର ସେନାପତି, ଓମ ପ୍ରକାଶ ମହାପାତ୍ର, କାଠପାଦ ନୃତ୍ୟ ଶିଳ୍ପୀ ସମୀର କୁମାର ବେହେରା ଓ ଦିବାକର ବିଶୋୟୀ, ନରେଶ ସାହୁ, ରବି ରଥ, ମନ୍ଦିର ମୁଖ୍ୟ ପୂଜକ ରାଜେନ୍ଦ୍ର ଶତପଥି, କୃଷ୍ଣ ଚନ୍ଦ୍ର ସାହୁ, ଏନ. ପ୍ରଭାକର ରାଓ, ଆଇନଜୀବୀ ତଥା କବି ପ୍ରଶାନ୍ତ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।

# ପୁଲିସ୍ କବ୍ଜାରେ ବାଇକ୍ ଚୋରି ଗ୍ୟାଙ୍ଗ୍

## ୪ ଗିରଫ, ୧୯ ଚୋରା ବାଇକ୍ ଜବତ



ଖଲ୍ଲିକୋଟ,୧।୭(ସମିସ): ବାଇକ୍ ଚୋରି ଗ୍ୟାଙ୍ଗକୁ କାବୁ କରିଛି ଖଲ୍ଲିକୋଟ ପୁଲିସ। ୪ ଜଣଙ୍କୁ ଗିରଫ କରିବା ସହ ୧୯ଟି ବାଇକ୍ ଜବତ କରି ବାଇକ ମାଲିକଙ୍କୁ ହସ୍ତାନ୍ତର କରିଛି ପୁଲିସ। ଖଲ୍ଲିକୋଟ ଥାନା ଅଞ୍ଚଳରେ ଦୀର୍ଘଦିନ ହେଲା ବାଇକ୍ ଚୋରି ହେଉଥିବା ନେଇ ଅଭିଯୋଗ ପରେ ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇଙ୍କ ତତ୍ତ୍ୱାବଧାନରେ ଖଲ୍ଲିକୋଟ ଆଇଆଇସି ରମେଶ କୁମାର ପ୍ରଧାନ, ଏସ୍‌ଆଇ କେଶବ ଷଡ଼ଙ୍ଗୀ, ଦେବଦତ୍ତ ପ୍ରିୟଦର୍ଶୀ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର, କନେଷ୍ଟବଳ ଅଜୟ ବେହେରା ଓ ରମାକାନ୍ତ ନାୟକଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରି ବାଇକ ଚୋରି ଗ୍ୟାଙ୍ଗକୁ ଧରିବା ପାଇଁ ଉଦ୍ୟମ ଚଳାଇଥିଲେ। ଖବର ପାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୪ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୯ଟି ବାଇକ୍ ଜବତ କରିଥିଲେ। ଗିରଫ ୪ ଜଣ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବାହାଡାପଲ୍ଲୀ ଗ୍ରାମର ଦିଲ୍ଲୀପ ପଲେଇ (୨୭), ବଡ଼ଗଡ଼ ଥାନା ଅନ୍ତର୍ଗତ ଗଙ୍ଗାପୁର ଗ୍ରାମର କାଳି ଚରଣ ପ୍ରଧାନ (୨୨) ଓ ଜଗା ପ୍ରଧାନ (୨୫) ଏବଂ ଧରାକୋଟ ଥାନା ଅନ୍ତର୍ଗତ ଗୋଲା ଦାମୋଦରପଲ୍ଲୀ ଗ୍ରାମର କେ. କୃଷ୍ଣ ପାତ୍ର ବୋଲି ଜଣାପଡ଼ିଛି। ଏମାନେ ଖଲ୍ଲିକୋଟ ଥାନା ଅଞ୍ଚଳ ସମେତ ବେଗୁନିଆପଡା, ଆସିକା, କବିସୂର୍ଯ୍ୟନଗର, ଶେରଗଡ଼ ଥାନା ଅଞ୍ଚଳରୁ ବାଇକ ଚୋରି କରିଥିବା ସମ୍ପୃକ୍ତ ଥାନା ମାନଙ୍କରେ ଅଭିଯୋଗ ହୋଇଥିଲା। ଖଲ୍ଲିକୋଟ ଶ୍ୟାମସୁନ୍ଦରପୁର ଗ୍ରାମର ସୁରେଶ ଚନ୍ଦ୍ର ରାଉଳଙ୍କ ବାଇକ ଖଲ୍ଲିକୋଟ ମେଡିକାଲ ସମ୍ମୁଖରୁ ଚୋରି ହୋଇଥିଲା। ବରପଦର ଗ୍ରାମର ଟୁନା ସେଠୀଙ୍କ ବାଇକ ଷ୍ଟେଟ ବ୍ୟାଙ୍କ ସମ୍ମୁଖରୁ ଚୋରି ହୋଇଥିଲା। କରଣସାହି ସହଦେବ ସିଂଙ୍କ ବାଇକ ଆରଆଇ ଅଫିସ ସମ୍ମୁଖରୁ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ତେବେ ଜବତ ବାଇକକୁ ପୋଲିସ ବାଇକ ମାଲିକ ମାନଙ୍କୁ ଫେରାଇଛି। ଏନେଇ ମଙ୍ଗଳବାର ଅପରାହ୍ନରେ ଖଲ୍ଲିକୋଟ ଥାନା ପରିସରରେ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ଏସପି ଶୁଭେନ୍ଦୁ ପାତ୍ର। ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ, ଖଲ୍ଲିକୋଟ ଥାନା ଅଧିକାରୀ ରମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ନିଆରା ଢଙ୍ଗରେ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ସାନଖେମୁଣ୍ଡି,୧।୭(ସମିସ): ସାନଖେମୁଣ୍ଡି ବ୍ଲକ ଚୁଡ଼ଙ୍ଗପୁର ପଞ୍ଚାୟତରେ ଥିବା ସାନଖେମୁଣ୍ଡି ହାଇସ୍କୁଲର ହିନ୍ଦୀ ଶିକ୍ଷକ ଆର ରଘୁନାଥ ଦୋରାଙ୍କୁ ସ୍କୁଲ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଏହି ଗୋଟିଏ ସ୍କୁଲରେ ହିଁ ଶିକ୍ଷାଦାନ ଦେଇ ନିଜର ଚାକିରି ଜୀବନକୁ ସମାପ୍ତି କରିଦେଇଛନ୍ତି। ସାନଖେମୁଣ୍ଡି ହାଇସ୍କୁଲର ଛାତ୍ରଛାତ୍ରୀ ପୁରାତନ ବିଦ୍ୟାର୍ଥୀ, ସହକର୍ମୀ, ଅଭିଭାବକ, ପରିଚାଳନା କମିଟି ସଦସ୍ୟଙ୍କ ସହଯୋଗିତାରେ ହିନ୍ଦୀ ଶିକ୍ଷକଙ୍କୁ ଭବ୍ୟ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ଏମ୍ ଦୁର୍ଯ୍ୟୋଧନ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଉକ୍ତ ସ୍କୁଲରେ ପ୍ରତିଷ୍ଠାତା ତଥା ପୂର୍ବତନ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇଥିଲେ। ହିନ୍ଦୀ ଶିକ୍ଷକଙ୍କ ଅବସର ଦିନଟିକୁ ସ୍ମରଣୀୟ କରିବା ପାଇଁ ସ୍କୁଲରେ ଅନେକ ପୁରାତନ ବିଦ୍ୟାର୍ଥୀ, ସହକର୍ମୀ, ଅଭିଭାବକ, ପରିଚାଳନା କମିଟି ସଦସ୍ୟ, ବର୍ତ୍ତମାନ ଅଧ୍ୟୟନଥିବା ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ଉପସ୍ଥିତରେ ଘଣ୍ଟ, କୀର୍ତ୍ତନ ବଜାଇ, ବାଣ ଫୁଟାଇ ହିନ୍ଦୀ ଶିକ୍ଷକ ଶ୍ରୀ ଦୋରାଙ୍କୁ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଇଥିଲେ। ନୂତନ ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ନିଜର ବହୁମୂଲ୍ୟ ସମୟ ବାହାର କରି ହିନ୍ଦୀ ଶିକ୍ଷା ପ୍ରଦାନ କରିବେ ବୋଲି ଅବସରପ୍ରାପ୍ତ ହିନ୍ଦି ଶିକ୍ଷକ ପିଲାମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଗଣିତ ବିଭାଗ ମୁଖ୍ୟଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭଞ୍ଜନଗର,୧।୭(ସମିସ): ସ୍ଥାନୀୟ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ଖେତ୍ରିୟଵରପୁର ଗଣିତ ବିଭାଗର ମୁଖ୍ୟ ଅମୂଲ୍ୟ କୁମାର ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଗିରିଧର ନାୟକ ଅଧ୍ୟକ୍ଷତା କରି ପଣ୍ଡା ସାରଙ୍କ ଅନୁଷ୍ଠାନ ପ୍ରତି ଅନୁରାଗ ଓ ସହଯୋଗକୁ ସମସ୍ତଙ୍କ ପ୍ରତି ଆକର୍ଷିତ କରିଥିଲେ। ଏହି ଉତ୍ସବରେ ମହାବିଦ୍ୟାଳୟର ସମସ୍ତ କର୍ମଚାରି ଉପସ୍ଥିତ ରହି ପଣ୍ଡା ସାରଙ୍କ ଅବସରକାଳୀନ ସମୟ ଶାନ୍ତି ଓ ଖୁସିରେ ଅତିବାହିତ ହେବା ପାଇଁ ପ୍ରାର୍ଥନା କରିଥିଲେ।

# ବରିଷ୍ଠ ରାଜସ୍ୱ ଅଧିକାରୀଙ୍କ ଅବସର ଗ୍ରହଣ

ଧରାକୋଟ,୧।୭(ସମିସ): ଧରାକୋଟ ବ୍ଲକରେ କାର୍ଯ୍ୟରତ ବରିଷ୍ଠ ରାଜସ୍ୱ ସହାୟକ ପ୍ରଶାନ୍ତ କୁମାର ଦାଶ ସୋମବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବ୍ଲକ ବୈଠକ ଗୃହରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମନରେଗା ବିଭାଗର ଅମେସ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଭାରପ୍ରାପ୍ତ ବିଡିଓ ସୁଶିଲ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲାବେଳେ ଏଥିରେ ଗୋଷ୍ଠୀ ବିତ୍ତ ଅଧିକାରୀ ସୁରେଶ ବେହେରା, ବିଭାଗୀୟ ଅଧିକାରୀ ସଞ୍ଜୟ ପରିଛା, ବରିଷ୍ଠ ରାଜସ୍ୱ ଅଧିକାରୀ ନିରଞ୍ଜନ ପ୍ରଧାନ, ପ୍ରମିଳା ଶବର, କନିଷ୍ଠ ରାଜସ୍ୱ ଅଧିକାରୀ କାହ୍ନୁ ଚରଣ ପ୍ରଧାନ, ଏପିଓ ନନ୍ଦିନୀ ଦାସ, ଜିପିଓ ଦେବରାଜ ନାୟକ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଅବସର ଗ୍ରହଣ କରିଥିବା ପ୍ରଶାନ୍ତ ଦାସଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ କାଳୁ ଚରଣ ସ୍ୱାଇଁ, ରମେଶ ପୃଷ୍ଟି, ଇସାକ ପ୍ରଧାନ, ଅଶୋକ ସେଠି, ଅମୂଲ୍ୟ ରାଉଳଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ ଉପସ୍ଥିତ ରହିଥିଲେ।

# ପାଟପୁର କଲେଜ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



ସାନଖେମୁଣ୍ଡି,୧।୭(ସମିସ): ପାଟପୁର ସ୍ଥିତ ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବରେ ପ୍ରାଣୀ ବିଜ୍ଞାନ ପ୍ରାଧ୍ୟାପକ ଡ. ଶଙ୍କର ପ୍ରସାଦ ଅଧିକାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଜୁନ୍ ୨୭ରେ ପ୍ରେରିତ ପତ୍ର ୩୩୭୪୪ ନିର୍ଦ୍ଦେଶକ୍ରମେ ଆସ୍କା ବିଜ୍ଞାନ ମହାବିଦ୍ୟାଳୟରୁ ବଦଳି ହୋଇ ଅଧ୍ୟକ୍ଷ ଡ. ଅଧିକାରୀ ପାଟପୁର କଲେଜରେ ଯୋଗ ଦେଇଛନ୍ତି। ଏହି ଅବସରରେ କର୍ମଚାରୀ ପରିଷଦ ପକ୍ଷରୁ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ତଥା କର୍ମଚାରୀ ପରିଷଦ ସମ୍ପାଦକ ଡ. କୈଳାଶ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଏକ ସ୍ୱାଗତ ସମାରୋହ ଆୟୋଜିତ ହେଇଥିଲା। ଅଧ୍ୟକ୍ଷ ଡ. ଅଧିକାରୀ କଲେଜ ବିକାଶ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ସହ ଗୁଣାତ୍ମକ ଶିକ୍ଷା ଏବଂ ମାନ ବୃଦ୍ଧି କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ ମହାରଣା ପୁଷ୍ପ ଗୁଚ୍ଛ ଏବଂ ଉପଢୌକନ ଦେଇ ଡ. ଅଧିକାରୀଙ୍କୁ ସମ୍ମାନିତ କରିଥିଲେ। ଗୌରୀ ଶଙ୍କର ମହାପାତ୍ର ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ତ୍ରିଲୋଚନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକତା ଓ ଅଖଣ୍ଡତା ଶୋଭାଯାତ୍ରା




ବେଲଗୁଣ୍ଠା,୧।୭(ସମିସ): ଗଞ୍ଜାମ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ଉଦ୍ଦେଶ୍ୟରେ ଗାଙ୍ଗପୁର ଥାନା ପକ୍ଷରୁ ଏକତା ଏବଂ ଅଖଣ୍ଡତା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗାଙ୍ଗପୁର ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀଙ୍କ ତତ୍ତ୍ୱାବଧାନରେ ଏହି ଶୋଭାଯାତ୍ରା ଗାଙ୍ଗପୁର ଥାନାରୁ ଆରମ୍ଭ ହୋଇ ବଜାର ପରିକ୍ରମା ପରେ ବିବେକାନନ୍ଦ ଶିଶୁ ଶିକ୍ଷା ପ୍ରତିଷ୍ଠାନରେ ସମାପ୍ତ ହୋଇଥିଲା। ସେହିପରି ବିବେକାନନ୍ଦ ଶିଶୁ ଶିକ୍ଷା ପ୍ରତିଷ୍ଠାନ ପରିସରରେ ଉପସ୍ଥିତ ଶିଶୁ ମାନଙ୍କୁ ଏକତା ଏବଂ ଅଖଣ୍ଡତା ସମ୍ପର୍କରେ ସଚେତନ କରାଯିବା ସହ ଛୋଟ ବେଳୁ ହିଁ ସମସ୍ତେ ଏକାଠି ହୋଇ ରାଷ୍ଟ୍ର ପାଇଁ କାମ କଲେ ରାଷ୍ଟ୍ରର ଅଖଣ୍ଡତା ବଜାୟ ରହିବ ବୋଲି ସେମାନଙ୍କୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଗାଙ୍ଗପୁର ଥାନା ଏସ୍‌ଆଇ ଅଜୟ ମଲ୍ଲିକ୍, ଏଏସ୍‌ଆଇ ବି. ନାଇଡୁ, କନେଷ୍ଟବଳ ଗୌଡ଼ ବାବୁ, ଅନ୍ୟାନ୍ୟ ପୁଲିସ୍ କର୍ମଚାରୀ, ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ବିଷୋୟୀ, ବିବେକାନନ୍ଦ ଶିଶୁ ଶିକ୍ଷା ପ୍ରତିଷ୍ଠାନର ସମ୍ପାଦକ ସୀମାଞ୍ଚଳ ପୃଷ୍ଟି, ଗଣେଶ ଗୁରୁଜୀ, ପବିତ୍ର ଗୁରୁଜୀ, ମିଥୁନ୍ ଗୁରୁଜୀ, ବିଶ୍ୱରଞ୍ଜନ ଗୁରୁଜୀ, ସମସ୍ତ ଗୁରୁମା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଯୁବତୀଙ୍କୁ ପ୍ରତାରଣା; ଅଭିଯୁକ୍ତ ଗିରଫ

ବେଲଗୁଣ୍ଠା,୧।୭(ସମିସ): ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଯୁବକ ଜଣଙ୍କ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ଆମ୍ବବାଲି ଗ୍ରାମର ସମୀର୍ ଗୌଡ଼ (୨୩)। ଗତ ଚାରି ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେହି ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖି ଆସୁଥିଲା। ଯୁବତୀ ଜଣଙ୍କ ଗର୍ଭବତୀ ହେବା ଜାଣିବା ପରେ ସମୀର ତାକୁ ବିବାହ କରିବାକୁ ମନା କରିବା ସହିତ ଗର୍ଭନଷ୍ଟ କରିବାକୁ କହିଥିଲା। କିନ୍ତୁ ପୀଡ଼ିତା ଜଣଙ୍କ ଗର୍ଭ ନଷ୍ଟ କରିବାକୁ ମନା କରିବାରୁ ସମୀର ଉତ୍କ୍ଷିପ୍ତ ହୋଇ ଏହାର ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇଥିଲା। ଏନେଇ ପୀଡ଼ିତା ଜଣଙ୍କ ଗାଙ୍ଗପୁର ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ କରି ପୁଲିସ ସମୀରକୁ ଗିରଫ କରିଥିବା ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି।

# ଦଣ୍ଡାସିକୁଳର ସାଙ୍ଗଠନିକ ଉତ୍ସବ



ରମ୍ଭା,୧।୭(ସମିସ): ଗଂଜାମ ବ୍ଲକ୍ ଅଧୀନସ୍ଥ ସୁବଳୟା ପଞ୍ଚାୟତର କୋଠ ଘର ଠାରେ ଦଣ୍ଡାସିକୁଳର ଜିଲ୍ଲାସ୍ତରୀୟ ସାଙ୍ଗଠନିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ସଭାପତି ସାନ୍ତନୁ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ସୁରଥ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଯଥାକ୍ରମେ ଗଞ୍ଜାମ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ପୂର୍ବତନ ସରପଞ୍ଚ କେଦାରନାଥ ସ୍ୱାଇଁ, ସନ୍ତୋଷ କୁମାର ମହାପାତ୍ର, ଦଣ୍ଡାସି କୁଳ ଜିଲ୍ଲା ସଭାପତି ଶ୍ରୀ ତାରିଣୀ ନାୟକ, ଉପସଭାପତି ରଙ୍କନିଧି ନାୟକ, ସାନଖେମୁଣ୍ଡି ସଭାପତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

ମୁଖ୍ୟ ଅତିଥି ନିଜ ଭାଷଣରେ ଦଳିତଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ସଭାପତି ଗଙ୍ଗାଧର ନାୟକ ତଥା ଅନ୍ୟାନ୍ୟ କମିଟିର ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୋହନ ନାୟକ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରଳାଖେମୁଣ୍ଡି ବନଖଣ୍ଡ ପକ୍ଷରୁ ବନ ମହୋତ୍ସବ

ପାରଳାଖେମୁଣ୍ଡି,୧।୭(ସମିସ): ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓ ପାରଳାଖେମୁଣ୍ଡି ବନଖଣ୍ଡର ମିଳିତ ଆନୁକୁଲ୍ୟରେ ୭୬ ତମ ବନ ମହୋତ୍ସବ ପାଳିତ ହୋଇଛି। ପାରଳାଖେମୁଣ୍ଡି ସ୍ଥିତ ସେଞ୍ଚୁରିଅନ୍ ସ୍କୁଲ ନିକଟସ୍ଥ ଭୋୟା ପାହାଡରେ ଏନେଇ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଜୟ କୁମାର ଦାଶ ମୁଖ୍ୟଅତିଥି , ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ, ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଏସିଏଫ୍ ସାଇନଶ୍ରୀ ଦାଶ ଓ ଅରୁଣ ସାହୁ ମଞ୍ଚାସୀନ ଥିଲେ। ଚାରାରୋପଣ କରି ପରିବେଶର ସୁରକ୍ଷା କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଭୋୟା ପାହାଡରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ.ନାଗାରାଜୁ ପରିଚାଳନା କରି କହିଥିଲେ।

# ଖେଳ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସାନଖେମୁଣ୍ଡି,୧।୭(ସମିସ): ପାଟପୁର ସ୍ଥିତ ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟର ଖେଳ ଶିକ୍ଷକ ଲକ୍ଷ୍ମଣ କୁମାର ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦନା କରିଥିଲେ ଅଧ୍ୟାପକ ଡ. କୈଳାଶ ଚନ୍ଦ୍ର ସ୍ୱାଇଁ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ମାନେ ଯୋଗଦେଇ ଲକ୍ଷ୍ମଣ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟକ୍ଷ ଶ୍ରୀ ମହାରଣା ସମେତ ଅନ୍ୟ ଅଧ୍ୟାପକ ଏବଂ ଅଧ୍ୟାପିକା ମାନେ ସେମାନଙ୍କର ଅଭିଭାଷଣରେ ଲକ୍ଷ୍ମଣଙ୍କ ନିଷ୍ଠାବାନ୍ ସେବାର ପ୍ରଶଂସା କରି , ତାଙ୍କର ସୁସ୍ଥ ଏବଂ ସୁଖମୟ ଜୀବନ ସହ ଦୀର୍ଘାୟୁ କାମନା କରିଥିଲେ। ଏହି ଅବସରରେ ଅର୍ଥନୀତି ବିଭାଗର ଅଧ୍ୟାପିକା ପିଙ୍କୀ ଓରାମଙ୍କୁ ମଧ୍ୟ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ଯିଏ ପାଟପୁର କଲେଜରୁ ରାଉରକେଲା ସ୍ଥିତ ମ୍ୟୁନିସିପାଲ୍ କଲେଜକୁ ବଦଳି ହୋଇଛନ୍ତି। କର୍ମଚାରୀ ପରିଷଦ ସମ୍ପାଦକ ଡ. ସ୍ୱାଇଁଙ୍କ ସୁପରିଚାଳନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଇଥିଲା। ଶ୍ରୀ ଗୌରୀ ଶଙ୍କର ମହାପାତ୍ର ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ତ୍ରିଲୋଚନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜି.ଉଦୟଗିରିରେ ବନମହୋତ୍ସବ



ଜି.ଉଦୟଗିର,୧।୭(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ୭୬ ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଏସିଏଫ କାଜଲ କୁମାରୀ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ଚାରା କାର୍ଯ୍ୟାଳୟ ପରିସରରେ ରୋପଣ କରାଯାଇଥିଲା। ବନ କର୍ମଚାରୀ ପ୍ରଶାନ୍ତ କୁମାର ସାହୁ, ମନୋଜ ମହାପାତ୍ର, ମନୋଜ ଝା ଙ୍କ ସହିତ ପାହାଡ ଏନଜିଓ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ

କବିସୂର୍ଯ୍ୟନଗର,୧।୭(ସମିସ): ସ୍ଥାନୀୟ ଶିଳ୍ପପତି ତଥା ବରିଷ୍ଠ ସମାଜସେବୀ ଇ. ମାହେଶ୍ୱରୀ ଦୋରାଙ୍କ ଝିଅ ଗୀତାଞ୍ଜଳି ଦୋରା ସୋମବାର ଅପରାହ୍ନରେ କବିସୂର୍ଯ୍ୟ ବିଦ୍ୟାପୀଠର ସମସ୍ତ ଅନେବାସୀଙ୍କୁ ପୋଷାକ, ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପ୍ରାୟ ୧୧୧ରୁ ଊର୍ଦ୍ଧ୍ୱ ଛାତ୍ରଙ୍କୁ ଜିନ୍ସ ପ୍ୟାଣ୍ଟ, ଟିସାର୍ଟ ଓ କେକ ପ୍ରଦାନ କରିଛନ୍ତି। ସ୍କୁଲ ଆବଶ୍ୟକ ତିନୋଟି ସିଲିଂ ଫ୍ୟାନ ଦେବା ସହ ଆଗକୁ ସ୍କୁଲ ଜରୁରୀ ଆବଶ୍ୟକତାକୁ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାକୁ ନେଇ ଗରିବ ଶ୍ରେଣୀର ପିଲାମାନଙ୍କ ମଧ୍ୟରେ ଏକ ଖୁସିର ଲହରୀ ଖେଳି ଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ସୁନୀଲ କୁମାର ରଥ, ଶିକ୍ଷକ କପିଳେଶ୍ୱର ବିଶ୍ୱାଳ, ହରିପ୍ରସାଦ ଦେଓ ଓ ପିଅନ କାଳିଚରଣ ଶତପଥୀ ଉପସ୍ଥିତ ଥିଲେ।

## ଗ୍ରାମ୍ୟ ନିର୍ମାଣ ବିଭାଗର ଉଦାସୀନତା

# ରାସ୍ତାରେ ଜମୁଛି ପାଣି; ଲୋକେ ହନ୍ତସନ୍ତ



ସୋରଡା,୧।୭(ସମିସ): ବର୍ତ୍ତମାନ ବର୍ଷା ଋତୁ ଆରମ୍ଭ ହୋଇଥିବା ବେଳେ ପୋକ, ମଶା, ମାଛିଙ୍କ ବଂଶ ବୃଦ୍ଧି ହୋଇ ଅନେକ ସଂକ୍ରାମକ ରୋଗ ହେଉଛି। ଏହିଭଳି ସ୍ଥିତି ଦେଖିବାକୁ ମିଳିଛି ସୋରଡା ବ୍ଲକ ଅନ୍ତର୍ଗତ ଗେଞ୍ଜା ପଞ୍ଚାୟତରେ। ଗ୍ରାମର ମୁଣ୍ଡ ସହିତ ସାହି ମଝି ଓ ଖୋଦ ଜନଗହଳି ପୂର୍ଣ୍ଣ ଗେଞ୍ଜା ଛକ ଠାରେ ବର୍ଷ ତମାମ ପାଣି ଜମି ରହୁଥିବା ବେଳେ ଏହି ଛକଟି ପଞ୍ଚାୟତ କାର୍ଯ୍ୟାଳୟ ସହ କଡେଶ୍ୱରୀ ମନ୍ଦିର ଓ ଅନ୍ୟ ସାହି ସହିତ ଜଡ଼ିତ ମୁଖ୍ୟ ରାସ୍ତାଟିଏ। ଏବଂ ଏହା ସଂଲଗ୍ନ ଗୃହ ମାଲିକଙ୍କ ଜବର ଦଖଲ ହେତୁ ରାସ୍ତା ସଂକୀର୍ଣ୍ଣତା ସହିତ ରାସ୍ତା ଉପରେ ମଇଳା ଜମାଇ ଘରୋଇ ନିତ୍ୟ ବ୍ୟବହାର୍ଯ୍ୟ ପାଣି ଠାରୁ ଆରମ୍ଭ କରି ରାସ୍ତା ଘାଟର ପାଣି ଜମା ହୋଇ ବର୍ଷ ତମାମ ଜମା ହୋଇ ରହେ। ଯାହାକି ପୁତି ଗନ୍ଧମୟ ପରିବେଶ ସାଙ୍ଗକୁ ମଶା ମାଛିଙ୍କ ବଂଶ ବୃଦ୍ଧି ପାଇଁ ପ୍ରକୃଷ୍ଟ ଜାଗାଟିଏ। ବର୍ଷ ତମାମ ଛଡା ବର୍ଷା ଋତୁରେ ଏହି ଜାଗାଟି ଯମଦ୍ୱାର ପାଲଟିଯାଏ। ଗ୍ରାମ୍ୟ ନିର୍ମାଣ ବିଭାଗର ଉଦାସୀନତା ଓ ରାସ୍ତା ପାଶ୍ୱର୍ ପଟ୍ଟାଦାରଙ୍କ ଜବରଦଖଲ ହେତୁ ବହୁ ବ୍ୟୟ ବରାଦରେ ନିର୍ମିତ ରାସ୍ତାଟି ମଧ୍ୟ ବାରମ୍ବାର ଖରାପ ହେଉଛି। ବିଭିନ୍ନ ଅସାଧ୍ୟ ରୋଗରେ ପଡି ନିରୀହ ଗରିବ ଖଟିଖିଆଟିଏ ସର୍ବସାନ୍ତ ହୋଇ ନିଶ୍ୱ ଭାବେ ଜୀବନ ହରାଉଛି। ତେଣୁ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ମଗର ଘାଇ କାର୍ଯ୍ୟରେ ବ୍ୟାପକ ଅନିୟମିତତା



କୋଦଳା,୧।୭(ସମିସ): ବେଗୁନିଆପଡ଼ା ବ୍ଲକ ବଡ଼ ଖଇରଖମା ସ୍ଥିତ ମଗର ଘାଇ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ମଗର ଘାଇର ପୁନରୁଦ୍ଧାର ଏବଂ ଉନ୍ନତି କରଣ ପାଇଁ ୩୬ ଲକ୍ଷ, ଗାର୍ଡୱାଲ୍ ନିର୍ମାଣ ପାଇଁ ୬୩ ଲକ୍ଷ, ରାସ୍ତା ନିର୍ମାଣ ପାଇଁ ୭୦ ଲକ୍ଷ ଟଙ୍କା ଆସିଥିବାବେଳେ କିଛି କାମ ଶେଷ ହୋଇଥିବା ବେଳେ ଆଉ କିଛି କାମ ଚାଲିଛି।

ଉକ୍ତ ଘାଇ କ୍ଷୁଦ୍ର ଜଳସେଚନ ବିଭାଗ ଅଧିନରେ ଥିବାବେଳେ ଘାଇ କାମ ମଧ୍ୟ ଏହି ବିଭାଗର ଅଧିକାରୀମାନେ ତଦାରଖ କରୁଛନ୍ତି। କିନ୍ତୁ କୌଣସି କାର୍ଯ୍ୟ ସଠିକ୍ ଭାବେ ହୋଇନଥିବା ନେଇ ଅଭିଯୋଗ ଆସିଛି। ଏଥିସହିତ ନିର୍ମାଣ ସମୟରେ ଅଧିକାରୀ ମାନେ ଅଧିକାଂଶ ସମୟରେ ରହୁନାହାନ୍ତି। ଏହି ଘାଇର ଜଳ ଧାରଣା କ୍ଷମତା ୨୬୦ ହେକ୍ଟର ଥିବା ବେଳେ ବାମ କେନାଲର ଦୈର୍ଘ୍ୟ ୧୩୩୦ ମିଟର ଏବଂ ଡାହାଣ କେନାଲର ଦୈର୍ଘ୍ୟ ୯୭୦ ମିଟର ରହିଛି। ଚାଷୀ ମାନଙ୍କ ଜଳ ସେଚନର ସୁବିଧା ପାଇଁ ସରକାର ବାରମ୍ବାର ଚେଷ୍ଟା କରୁଥିବା ବେଳେ କିଛି ଅସାଧୁ ସରକାରୀ କର୍ମଚାରୀ ଏବଂ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ସଠିକ୍ ଭାବେ କାର୍ଯ୍ୟ ହେଉନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଉକ୍ତ ଅଞ୍ଚଳର କିଛି ବୁଦ୍ଧିଜୀବୀ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ବିଭାଗୀୟ ଅଧିକାରୀ ଗଙ୍ଗାରାମ ଟୁଡୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ ମୁଁ ଏହି ଦାୟିତ୍ୱରେ ନାହିଁ। ନୂଆଁ ଅଧିକାରୀ ଆସିଛନ୍ତି। ନୂତନ ଭାବେ ଯୋଗ ଦେଇଥିବା ଅଧିକାରୀ ଶକ୍ତି ଜେନାଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ ସେ କହିଲେ ମୁଁ ଏବେ ନୂଆରେ ଆସିଛି, ଦେଖୁଛି କଣ ହୋଇଛି।

